୬ ରୋହିତ, ବିରାଟଙ୍କ ଭବିଷ୍ୟତକୁ ନେଇ ବିସିସିଆଇ ଦେଲା ବଡ଼ ବୟାନ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୧୯୫ ● ୧୨ ଅଗଷ୍ଟ ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-195 ● 12th August 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଏଯାବତ୍ ୮୮% ଅଭିଯୋଗର ସମାଧାନ ହୋଇଛି

# ନିୟମିତ ଅଭିଯୋଗ ଶୁଣାଣି ଯୋଗୁଁ ସରକାରଙ୍କ ପ୍ରତି ଲୋକଙ୍କ ଭରସା ବଢ଼ିଛି

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ସୋମବାର ଥିଲା ୧୪ତମ ପାଳି। ଭୁବନେଶ୍ୱର ୟୁନିଟ-୨ସ୍ଥିତ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମନ୍ତ୍ରୀ ମଣ୍ଡଳର ବରିଷ୍ଠ ମନ୍ତ୍ରୀଗଣ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ନିୟମିତ ଅଭିଯୋଗ ଶୁଣାଣି ଯୋଗୁ ବିଭିନ୍ନ କାରଣରୁ ସମସ୍ୟାରେ ଥିବା ଲୋକମାନେ ଆଶା ଓ ଭରସା ନେଇ ଆସୁଛନ୍ତି ଏବଂ ସେମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରାଯାଉଛି। ଗତ ୧୩ଟି ପାଳିରେ ଗ୍ରହଣ କରାଯାଇଥିବା ୧୨,୨୫୨ଟି ଅଭିଯୋଗ ମଧ୍ୟରୁ ୧୦,୮୦୭ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୮୮ ପ୍ରତିଶତ । ବାକି ଅଭିଯୋଗ ଗୁଡ଼ିକ ପ୍ରକ୍ରିୟା ମଧ୍ୟରେ ରହିଛି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିୟମିତ ପ୍ରୟାସ ଯୋଗୁ ସରକାରଙ୍କ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧି ପାଇଛି।




ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଓ ଜଟିଳ ରୋଗରେ ପୀଡିତ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ ମାନଙ୍କ ଅଭିଯୋଗ ଶୁଣିଥିଲେ।

ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ସୁଖ ଦୁଃଖ ଶୁଣିବା ଏବଂ ସମସ୍ୟାର ସମାଧାନ ଉପରେ ସବୁବେଳେ ଗୁରୁତ୍ୱ ଦେଇଥାନ୍ତି । ସୋମବାର ଆସିଥିବା ଅଭିଯୋଗକାରୀ ମାନଙ୍କ ମଧ୍ୟରେ କିଛି ଜଣ ନିଜ ନିଜ ସମସ୍ୟାକୁ ନେଇ ବିଚଳିତ ହେଉଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ (ପୃଷ୍ଠା ୭ରେ)

## ଜଙ୍କିଆର ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଅଞ୍ଚଳର ଜାଗୃତି ରାଉଳ (ପିତା-ମାନସ କୁମାର ରାଉଳ) ଏବଂ ରେବତୀ ରାଉଳ (ସ୍ୱାମୀ - ମାନସ କୁମାର ରାଉଳ)ଙ୍କ ଏକ ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ବିଷୟରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।




## ସରକାର ଆଣିବେ ନୂଆ ବିସ୍ଥାପନ ଏବଂ ଥଇଥାନ ନୀତି

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ନୂଆ ବିସ୍ଥାପନ ଓ ଥଇଥାନ ନୀତି-୨୦୨୫ ଖୁବ୍ ଶୀଘ୍ର ଆଣିବାକୁ ଯାଉଛନ୍ତି । ଏହି ନୀତି ଆଣିବାକୁ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ, ସରକାର ଆଧୁନିକ ବିସ୍ଥାପନ ଏବଂ ଥଇଥାନ ନୀତି ପ୍ରଣୟନ ବିଷୟରେ ଚିନ୍ତା କରୁଛନ୍ତି । ନୂଆନୀତିରେ କ୍ଷତିଗ୍ରସ୍ତ ଚାହିଁଲେ କ୍ଷତିପୂରଣ ବଦଳରେ ପ୍ରକଳ୍ପରେ ଅଂଶୀଦାର ରହିପାରିବେ । ସେ ନେଇ ବିଚାର କରାଯାଉଛି। ଜମି ହରାଉଥିବା ଲୋକଙ୍କୁ ବିକଳ୍ପ ସୁଯୋଗ ଦିଆଯିବ । ଜମି



ବଦଳରେ ଜମି ବି ଯୋଗାଇ ଦିଆଯିବ। ଅର୍ଥ ଦେବାରୁ ତାହା ଖର୍ଚ୍ଚ ହେଇଯାଉଛି । ଜନଜାତିଙ୍କର ଇଚ୍ଛା ଜମି ବଦଳରେ ଜମି । ଏହାସହ ସେମାନେ ଚାହିଁଲେ ପ୍ରକଳ୍ପରେ ଅଂଶୀଦାର ମଧ୍ୟ ହୋଇପାରିବେ। କ୍ଷତିପୂରଣ ବଦଳରେ ସେହି ପରିମାଣରେ ଅଂଶୀଦାର ରହିପାରିବେ । ସମାନୁପାତିକ ଲାଭ ମଧ୍ୟ ସେମାନେ ନେଇପାରିବେ । (ପୃଷ୍ଠା ୭ରେ)

## ବନ୍ୟା ପ୍ରଭାବିତ ୫ ଜିଲ୍ଲାକୁ କ୍ଷତିପୂରଣ ରାଶି ପଠାଇଲେ ସରକାର

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ୫ଟି ଜିଲ୍ଲା ଯାଜପୁର, ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝରକୁ ସରକାର ସହାୟତା ରାଶି ପଠାଇଛନ୍ତି ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଓ ଭଦ୍ରକର ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବା ପରେ ଏହି (ପୃଷ୍ଠା ୭ରେ)

## ମହିଳା କମିଶନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦିନ ବିଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ (ପୃଷ୍ଠା ୭ରେ)

## ଦାୟିତ୍ୱ ନେଲେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ନବ ନିଯୁକ୍ତ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ପ୍ରତିକ୍ରିୟା (ପୃଷ୍ଠା ୭ରେ)

## ଲୋକସଭାରେ ପାରିତ ହେଲା ନୂଆ ଆୟକର ବିଲ୍-୨୦୨୫

ନୂଆଦିଲ୍ଲୀ, ୧୧।୮

ଲୋକସଭାରେ ପାରିତ ହୋଇଛି ନୂଆ ଆୟକର ବିଲ୍-୨୦୨୫। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପୂର୍ବାହ୍ନରେ ଏହି ବିଧେୟକ ଆଗତ କରିବା ପରେ ଏହା ଉପରେ ଆଲୋଚନା ହୋଇଥିଲା। ନୂତନ ଆୟକର ବିଲ-୨୦୨୫ ପ୍ରଥମେ ଗତ ଫେବୃୟାରୀ ୧୩ ତାରିଖରେ ଲୋକସଭାରେ ଉପସ୍ଥାପନ କରାଯାଇଥିଲା। କିନ୍ତୁ ଗତ ଶୁକ୍ରବାର ଅର୍ଥମନ୍ତ୍ରୀ ତାହାକୁ ପ୍ରତ୍ୟାହାର କରିନେଇଥିଲେ।

ବର୍ତ୍ତମାନ ପ୍ରଚଳିତ ଆୟକର ଆଇନ ୧୯୬୧କୁ ହଟାଇ ନୂଆ ଆଇନ ଆଣିବା ଲାଗି କେନ୍ଦ୍ର ସରକାର ନୂତନ ଆୟକର ବିଲ-୨୦୨୫ ଆଣିଥିଲେ। ଦେଶର ଟିକସ ବ୍ୟବସ୍ଥାକୁ ଅପଡେଟ ଏବଂ ସରଳୀକରଣ କରିବା ଲାଗି ସରକାର ଏହି ପଦକ୍ଷେପ ନେଇଛନ୍ତି। କିନ୍ତୁ ଏଥିରେ ଅନେକ ପରିବର୍ତ୍ତନ




ଦରକାର ଥିବାରୁ ସେଥିଲାଗି ଏକ ସଂସଦୀୟ ଚୟନ କମିଟି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା। କମିଟିର ସୁପାରିସ କ୍ରମେ ବିଲ୍‌ରେ ଅନେକ ପରିବର୍ତ୍ତନ କରାଯାଇଛି। ୩୧ ସଦସ୍ୟ ବିଶିଷ୍ଟ କମିଟି ପକ୍ଷରୁ ୪୫୭୫ ପୃଷ୍ଠାର ରିପୋର୍ଟ ଗତ ମାସରେ ପ୍ରଦାନ କରାଯାଇଥିଲା। ଏଥିରେ ୩୨ଟି ବଡ଼ ପରିବର୍ତ୍ତନ ଏବଂ ଅନେକ ଛୋଟ ପରିବର୍ତ୍ତନ କରାଯାଇଛି।

## କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୧।୮


ନ୍ୟୁଜ୍ ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଏବଂ ପ୍ରଧାନମନ୍ତ୍ରୀ-କୁସୁମ ଭଳି ଶକ୍ତି ବିଭାଗର ପ୍ରମୁଖ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି। ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯୋଜନା ଓଡ଼ିଶାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ।

ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ଏକ ସ୍ଥାୟୀ, ଆତ୍ମନିର୍ଭରଶୀଳ ଶକ୍ତି



ଭବିଷ୍ୟତର ଲକ୍ଷ୍ୟରେ ଅଗ୍ରସର ହେଉଛି - ଯେଉଁଠାରେ ନବସୃଜନ ଅନ୍ତର୍ଭୁକ୍ତିକରଣର ସମନ୍ୱୟରେ ପ୍ରତ୍ୟେକ ପରିବାର ଏବଂ ଚାଷୀ ସଶକ୍ତ ହୁଅନ୍ତି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାରେ ମୋଟ ୧,୨୮,୩୩୬ ଆବେଦନ କରିଛନ୍ତି, (ପୃଷ୍ଠା ୭ରେ)



‘ସମ୍ବାଦ କଳିକା’ର ପ୍ରାଣପ୍ରତିଷ୍ଠାତା, ଦିଗ୍‌ଦର୍ଶକ ତଥା ପଥପ୍ରଦର୍ଶକ ସ୍ୱର୍ଗତ ରବୀନ୍ଦ୍ର ନାଥ ରାୟଙ୍କ ୧୪ତମ ମୃତ୍ୟୁବାର୍ଷିକୀ ଅବସରରେ ‘ସମ୍ବାଦ କଳିକା’, ‘କଥା କଳିକା’, ‘ରବିବାସରୀୟ କଳିକା’ ତଥା ‘ଉତ୍କଳ ଦୀପିକା’ ପରିବାର ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ।

## ବରଗଡରେ ଆଖି ବୁଜିଲେ ଆଉ ଜଣେ ନାବାଳିକା

ବରଗଡ, ୧୧।୮ : ନ୍ୟୁଜ୍ ବ୍ୟୁରୋ

ବରଗଡ଼ ଜିଲ୍ଲାରେ ଏକ ଗାଁରେ ନିଜକୁ ନିଆଁ ଲଗାଇ ଦେଇଥିବା ଜଣେ ୧୩ ବର୍ଷୀୟା ସ୍କୁଲ ଛାତ୍ରୀ ସୋମବାର ବୁର୍ଲା ହସ୍ପିଟାଲରେ ମୃତ୍ୟୁବରଣ କରିଛନ୍ତି। ବରଗଡ଼ ଜିଲ୍ଲାର ଦାୟିତ୍ୱରେ ଥିବା ବଲାଙ୍ଗୀର ଏସପି ଅଭିଳାଷ ଜି କହିଛନ୍ତି ଯେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନସେସ୍ ଆଣ୍ଡ ରିସର୍ଚ୍ଚରେ ଝିଅଟିର ମୃତ୍ୟୁ ହୋଇଛି। ଝିଅଟି କାହିଁକି ଏହି ପଦକ୍ଷେପ ନେଇଥିଲା ? ଆମେ ଏହାର କାରଣ ଖୋଜୁଛୁ।

ଏସପି କହିଛନ୍ତି ଯେ ତାଙ୍କ ପରିବାର ସଦସ୍ୟଙ୍କ ଅଭିଯୋଗ ପରେ ପୋଲିସ ଅପ୍ରାକୃତିକ ମୃତ୍ୟୁ ମାମଲା ରୁଜୁ କରିଛି। ସେ କହିଛନ୍ତି ଯେ ଘଟଣାର ତଦନ୍ତ ପାଇଁ ଏକ ତିନି ଜଣିଆ ପୋଲିସ ଦଳ ଗଠନ କରାଯାଇଛି। ପୋଲିସ ଝିଅଟି ସହିତ ଜଡିତ ଏକ ଭିଡିଓ ମଧ୍ୟ ଉଦ୍ଧାର କରିଛି।

ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ ଝିଅଟି ଏକ ହଷ୍ଟେଲରେ ରହୁଥିଲା ଏବଂ ତାଙ୍କ ମାମୁ ଘରକୁ ଆସିଥିଲା, ଯେଉଁଠାରେ ସେ ଏହି ଆତ୍ମହତ୍ୟା ପଦକ୍ଷେପ ନେଇଥିଲା। ପୂର୍ବରୁ (ପୃଷ୍ଠା ୭ରେ)

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର, ୧୧।୮

ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଫିସରସ୍ତରରେ ଅଦଳବଦଳ କରିଛନ୍ତି। ଇଡକୋ ସିଜିଏମ ଭାବେ ଓଏଏସ ଅଧିକାରୀ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ନିଯୁକ୍ତ କରାଯାଇଥିବାବେଳେ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ସଚିବ ଭାବେ ସୁଜାତା ମେଶ୍ରାଙ୍କୁ ନିଯୁକ୍ତ କରାଯାଇଛି।

ସେହିପରି ରାଜ୍ୟ (ପୃଷ୍ଠା ୭ରେ)

## ସାଂସଦଙ୍କୁ ମିଳିଲା ନୂଆ ଫ୍ଲାଟ୍, ପ୍ରଧାନମନ୍ତ୍ରୀ କଲେ ଉଦ୍‌ଘାଟନ

ନୂଆଦିଲ୍ଲୀ, ୧୧।୮

ସାଂସଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭେଟି ଦେଇଛନ୍ତି । ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ସୋମବାର ସାଂସଦଙ୍କୁ ପ୍ରଦାନ କରିବାକୁ ଥିବା ଫ୍ଲାଟର ଉଦ୍‌ଘାଟନ କରିଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ଦିନ ବାବା ଖରକ ସିଂହ ମାର୍ଗରେ ସାଂସଦଙ୍କ ପାଇଁ ନିର୍ମିତ ଫ୍ଲାଟଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ଏହି ଫ୍ଲାଟଗୁଡ଼ିକୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି। ପ୍ରତ୍ୟେକ ଫ୍ଲାଟରେ ୫ଟି କୋଠରୀ ଏବଂ ଏକ କାର୍ଯ୍ୟାଳୟ ପାଇଁ ସ୍ଥାନ ରହିଛି। ଏହା ସହିତ ସାଂସଦଙ୍କ ବ୍ୟକ୍ତିଗତ ସହାୟକଙ୍କ ପାଇଁ ମଧ୍ୟ ସ୍ଥାନ ଯୋଗାଇ ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହାକୁ ତିଆରି କରିବାରେ ଇଟା ବ୍ୟବହାର କରାଯାଇ ନାହିଁ। ଉଦଘାଟନ ସମୟରେ ନରେନ୍ଦ୍ର ମୋଦୀଙ୍କ ସହିତ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏବଂ କିରେନ୍ ରିଜିଜୁ ମଧ୍ୟ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ବାବା ଖରକ ସିଂହ ମାର୍ଗରେ ସଂସଦ (ପୃଷ୍ଠା ୭ରେ)

# ଅନ୍‌ଲାଇନରେ ବିକ୍ରି ହେବନି ମହାପ୍ରସାଦ



ଭୁବନେଶ୍ୱର, ୧୧।୮ : ନ୍ୟୁଜ୍ ବ୍ୟୁରୋ

ଅନ୍‌ଲାଇନରେ ବିକ୍ରି ହେବ ନାହିଁ ମହାପ୍ରସାଦ । ଏହି ସୂଚନା ଦେଇଛନ୍ତି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ବିଭିନ୍ନ ସଂସ୍ଥା ଦେଇଥିବା ପ୍ରସ୍ତାବକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଅଗ୍ରାହ୍ୟ କରି ଦେଇଛନ୍ତି। ଭାରତର ଅନ୍ୟ ମନ୍ଦିର ତୁଳନାରେ ମହାପ୍ରଭୁଙ୍କ ମହାପ୍ରସାଦର ପବିତ୍ରତା ଓ ମାନ୍ୟତା ସଂପୂର୍ଣ୍ଣ ଅଲଗା। କିଛି ଦିନ ତଳେ କିଛି ସଂସ୍ଥା ମହାପ୍ରଭୁଙ୍କ ଶୁଖିଲା ଭୋଗ ଏବଂ ମହାପ୍ରସାଦ ଅନଲାଇନରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମନ୍ଦିର ପ୍ରଶାସନକୁ ଅନୁରୋଧ କରିଥିଲେ। ଯଦିଓ ମହାପ୍ରସାଦ ଦେଶ ବିଦେଶରେ ଭକ୍ତଙ୍କ ପାଖରେ ପହଞ୍ଚିବା ସୁବିଧା ହେବ। କିନ୍ତୁ ମହାପ୍ରସାଦର ପବିତ୍ରତା ଦୃଷ୍ଟି କୋଣରୁ ଶ୍ରୀମନ୍ଦିର ପ୍ରଶାସନ କିମ୍ବା ରାଜ୍ୟ ସରକାର ଏ ପ୍ରସ୍ତାବରେ ରାଜି ହୋଇନାହାନ୍ତି। କାରଣ ଅନଲାଇନରେ ମହାପ୍ରସାଦ ନିଆଗଲେ, ତାର ପବିତ୍ରତା ଅକ୍ଷୁର୍ଣ୍ଣ ରଖି ପାରିବେ ନାହିଁ ବୋଲି ସନ୍ଦେହ ରହିଛି । ତେଣୁ ମନ୍ଦିର ପ୍ରଶାସନ ଏବଂ ସରକାର ଅନଲାଇନ (ପୃଷ୍ଠା ୭ରେ)

## ୧୭ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୧।୮ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୩ରେ ଉତ୍ତର ପଶ୍ଚିମ ତଥା ଏହାର ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହାର ପ୍ରଭାବରେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ଟ୍ରଫ୍ ଲାଇନ୍ ପ୍ରଭାବରେ ରାଜ୍ୟରେ ଝଡ ପବନ ସହ ବର୍ଷାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି। ଆସନ୍ତା ୨୪ ଘଣ୍ଟା ପାଇଁ ୨୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିସବୁ ଜିଲ୍ଲା ଗୁଡ଼ିକ ମଧ୍ୟରେ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ମାଲକାନାଗିରି, କୋରାପୁଟ,ରାୟଗଡ଼ା ପ୍ରଭୃତି ରହିଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୫ ମଙ୍ଗଳବାର





# ଡବଲ ଇଞ୍ଜିନ ସରକାରର ଉପଲବ୍ଧି ଉପରେ ଆଲୋକପାତ କଲେ କେନ୍ଦ୍ରମନ୍ତ୍ରୀ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଅପାର ସମ୍ଭାବନାର ଅଞ୍ଚଳ ଗଞ୍ଜାମ ହେଉଛି କଳା, ଦକ୍ଷତା ଏବଂ ପରିଶ୍ରମୀ ଲୋକଙ୍କ ଜିଲ୍ଲା । ଗଞ୍ଜାମ ଜିଲ୍ଲାର ବିକାଶ ନହେଲେ ବିକଶିତ ଓଡ଼ିଶାର ସ୍ୱପ୍ନ ପୂରଣ ହୋଇପାରିବନାହିଁ । ଗଞ୍ଜାମର ବ୍ୟବସାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆମକୁ ଯୋଜନା କରିବାକୁ ପଡ଼ିବ । ଗଞ୍ଜାମର ମାନବସମ୍ବଳକୁ ଉପଯୋଗ କରି ଅଧିକରୁ ଅଧିକ ରୋଜଗାର ସୃଷ୍ଟି କରିବା ପାଇଁ ଆମକୁ ଦାୟିତ୍ୱ ନେବାକୁ ହେବ ବୋଲି ରବିବାର ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ଆୟୋଜିତ 'ଗରିବ କଲ୍ୟାଣ ଓ ବିକାଶ ସମାବେଶ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ




ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମୂଳଦୁଆ ପଡ଼ିଥିଲା କଟକର ଇଦଗା ପଡ଼ିଆରେ । ତେବେ ଏହା ପୂର୍ବରୁ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜଙ୍କ ଉଦ୍ୟମରେ ରମ୍ଭା ରାଜ ପ୍ରସାଦରେ ପ୍ରଥମ ରମ୍ଭା ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା ନିମନ୍ତେ ଆନୁଷ୍ଠାନିକ ସମିତି ଗଠନ ଲାଗି ପ୍ରସ୍ତାବ ଦିଆଯାଇଥିଲା । ଗଞ୍ଜାମର ଲୋକମାନେ ଅଧିକ ଦକ୍ଷ, ଯେଉଁମାନେ ଗୁଜୁରାଟ, ସୁରଟ ସମେତ ବାହାର ରାଜ୍ୟରେ କାମ କରି ସେଠାକାର ଅର୍ଥନୀତିକୁ ବଢ଼ାଇଛନ୍ତି । ଦୁଃଖର ବିଷୟ, ଏହି ଜିଲ୍ଲାରୁ ଲମ୍ବା ସମୟ ଧରି ପ୍ରତିନିଧିତ୍ୱ କରୁଥିବା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଗଞ୍ଜାମ ଯେଉଁଠି ପହଞ୍ଚିବା କଥା, ସେଇଠି ପହଞ୍ଚିପାରିନାହିଁ । ପ୍ରତ୍ୟେକ ଘରୁ ଯୁବକମାନେ ନିଜ ମାଆ ଭଉଣୀଙ୍କୁ ଛାଡ଼ି, ଭିଟାମାଟିକୁ ତ୍ୟାଗ ଦେଇ ରୋଜଗାର ଆଶାରେ ବାହାରକୁ ଯାଉଛନ୍ତି । ଏହା ହେଉଛି ମୂଳ ପ୍ରଶ୍ନ । ବିନା ଗଞ୍ଜାମ ଜିଲ୍ଲାର ବିକାଶରେ ବିକଶିତ ଓଡ଼ିଶା ହୋଇପାରିବ ନାହିଁ । ଗଞ୍ଜାମର ବ୍ୟବସାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଆମକୁ ଯୋଜନା କରିବାକୁ ପଡ଼ିବ । ଆମର ଦାୟିତ୍ୱ ଏହି ଅଞ୍ଚଳରେ ଅଧିକ ରୋଜଗାର ସୃଷ୍ଟି କରିବା । ଏଠାକାର ଶିକ୍ଷା, ଦକ୍ଷତାକୁ ଆଗକୁ ନେବାକୁ ହେବ । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନା କାରଣରୁ ଏଠାରେ ବିଜ୍ଞାନ ଶିକ୍ଷାରେ ଆଗକୁ ନେବା ପାଇଁ ୧୧୦୦ କୋଟି ଟଙ୍କା ବ୍ୟୟରେ ଆଇଜର, ବ୍ରହ୍ମପୁର ପରି ବିଶ୍ୱସ୍ତରୀୟ ଅନୁଷ୍ଠାନ ସ୍ଥାପନା ହୋଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ସହ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୨୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ତୁଳସୀ ମହିଳା ମହାବିଦ୍ୟାଳୟକୁ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାକୁ ସାଂସଦ ବୈଜୟନ୍ତଙ୍କ ଆହ୍ୱାନ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ୪୭ତମ ସ୍ୱନକ୍ଷତ୍ର ଦିବସ ଅଧକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଇ ତୁଳସୀ ମହିଳା ମହାବିଦ୍ୟାଳୟକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବା ପାଇଁ ଆହ୍ୱାନ୍ ଦେଇଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ାର ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ ଯୋଗଦେଇ ନାରୀ ସୁରକ୍ଷା ଓ ନାରୀର ସ୍ୱାଭିମାନ ରକ୍ଷା ଉପରେ ଗୁରୁତ୍ୱଆରୋପ କରିଥିଲେ।




ଅନ୍ୟତମ ସମ୍ମାନିତ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ ମହିଳା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟବକ୍ତା ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡା ଜାତୀୟ ଶିକ୍ଷାନୀତି ୨୦୨୦ ଉପରେ ଗୁରୁତ୍ୱ ଆରୋପ କରି ମହାବିଦ୍ୟାଳୟର ସାମଗ୍ରୀକ ବିକାଶ ପାଇଁ ସର୍ବଦା ତାଙ୍କର ସହଯୋଗ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଅଧକ୍ଷ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲା ବେଳେ ମହାବିଦ୍ୟାଳୟର ପ୍ରଶାସନିକା ଅଧିକାରୀ ସବିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ ସୁଜାତା ଉଚ୍ଚ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧାପକ ଶକ୍ତି ଶେଖର ଦାଶ ଓ ଅଧାପିକା ଭାରତୀ ଜେନା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ବଜ୍ରପାତରେ ଜଣେ ମୃତ, ୨ ଆହତ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଶିରିଷପାଳ ନିକଟବର୍ତ୍ତୀ କୋଡିପଶା ଡ୍ୟାମ୍‌ରେ ଘରେ କାହାକୁ କିଛି ନଜଣାଇ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଫେରିବାକୁ ବାହାରିବା ବେଳେ ରବିବାର ମଧାହ୍ନରେ ବଜ୍ରପାତ ଯୋଗୁ ଜଣେ ନାବାଳକ ମୃତ୍ୟୁବରଣ କରିଥିବା ବେଳେ ସାଙ୍ଗରେ ଥିବା ଅନ୍ୟ ୨ ଜଣ ନାବାଳକ ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସିତ ହେଉଥିବା ଦୁଇ ନାବାଳକଙ୍କ ନିକଟରୁ ପ୍ରାପ୍ତ ସୂଚନା ଅନୁସାରେ ଦିନ ପ୍ରାୟ ୧୨ଟା ସମୟରେ କେନ୍ଦୁଝର ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ ଓ ତାଙ୍କ ଦୁଇ ଜଣ ସାଙ୍ଗ ଏକ ଦୁଇ ଚକିଆ ବାଇକ୍ ଯୋଗେ ଗାଧୋଇବାକୁ କୋଡିପଶା ଡ୍ୟାମ୍‌କୁ ବାହାରିଥିଲେ । ଡ୍ୟାମ୍ ନିକଟରେ ପହଞ୍ଚିବା ବେଳକୁ ବର୍ଷା ଆରମ୍ଭ ହୋଇଯିବାରୁ ଡ୍ୟାମ୍ ନିକଟରେ ଗାଡି ରଖି ତରବରରେ ଗାଧୋଇସାରି ଫେରିବା ପାଇଁ ବାହାରୁଥିଲେ। ମଧାହ୍ନ ପ୍ରାୟ ୧୨ଟା ୩୦ ସମୟରେ ଲଗାତାର ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜନାର୍ଦ୍ଦନପୁର ଗ୍ରାମର ତେଜସ କୁମାର ସାହୁ (୧୫) ଘଟଣା ସ୍ଥଳରେ ଟଳି ପଡ଼ିଥିଲେ ବୋଲି ତାଙ୍କର ଅନ୍ୟ ଦୁଇ ସାଙ୍ଗ କହିଛନ୍ତି। ବୈଦରାଜ ସାହିର ସମୀତ ରଣସିଂହ (୧୭) ଏବଂ ଡାଙ୍ଗୁଣିଆ ସାହିର ଅଂଶୁ ନାଏକ (୧୬) ଗୁରୁତର ଆହତ ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି । ବଜ୍ରପାତ ପରେ ସେହିଠାରେ ହିଁ ସେ ତଳକୁ ଗଳି ପଡିଥିବା ସ୍ଥାନୀୟ ଛେଳିଚରାଳି କହିଛନ୍ତି। ଏ ନେଇ ଟାଉନ୍ ଥାନାରେ କେସ୍ ନମ୍ବର ୮୦/୨୦୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ତେଜସର ମୃତ ଶରୀର ବ୍ୟବଚ୍ଛେଦ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କରାଇଛି। ଶବ ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟ ଦୁଇଜଣ ନାବାଳକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ହୋଇଆସୁଥିବା ବେଳେ ସମ୍ପୂର୍ଣ୍ଣ ଭାବେ ଖାଦ୍ୟ ଗ୍ରହଣ କରିବା ପରେ ଓ ଝାଡା ପରିସ୍ରା ସ୍ୱାଭାବିକ ହେବାପରେ ସେମାନଙ୍କୁ ଛଡ଼ାଯିବ ବୋଲି ଚିକିତ୍ସା କରୁଥିବା ଡାକ୍ତର କମର ଅହମଦ କହିଛନ୍ତି।

## ସାମ୍ବାଦିକମାନଙ୍କ ପ୍ରତି ବୈମାତୃକ ମନୋଭାବ କାହିଁକି ?

**କେନ୍ଦୁଝର, ନ୍ୟୁଜ୍**

ପ୍ରତି ବର୍ଗର ଲୋକମାନଙ୍କ ଲାଗି ସରକାରୀ ସ୍ତରରେ କିଛି ନା କିଛି ସୁବିଧାର ବ୍ୟବସ୍ଥା କରିଥିବା ବେଳେ କାର୍ଯ୍ୟରତ ଓ ଅବସର ନେଇଥିବା ସାମ୍ବାଦିକ ମାନଙ୍କ ପ୍ରତି ସରକାର କାହିଁକି କିଛିହେଲେ ସୁବିଧା ଓ ସୁଯୋଗ ପ୍ରଦାନ କରୁନାହାଁନ୍ତି ତାହା ଜନସାଧାରନରେ ଆଲୋଚିତ ହେଉଛି। ବିଭିନ୍ନ ସମୟରେ ଆସୁଥିବା ବିଭିନ୍ନ ଦଳର ସରକାର ପ୍ରାୟ ସବୁବର୍ଗର ଲୋକମାନଙ୍କ ଲାଗି ବିଭିନ୍ନ ସରକାରୀ ଯୋଜନା ମାନ ପ୍ରଣୟନ କରି ବିଭିନ୍ନ ସୁବିଧା ମାନ ଯୋଗାଇ ଦେଉଛନ୍ତି । ହେଲେ ବିନା ପାରିଶ୍ରମିକରେ ଚତୁର୍ଥ ସ୍ତମ୍ଭରୂପେ ପରିଚିତ ସାମ୍ବାଦିକ ମାନେ ନିଜ କଲମମୁନକୁ ସମାଜ ସେବାରେ ଲଗାଇ ଯୁବକ ଅବସ୍ଥାରୁ ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚି ଆର୍ଥିକ ଅନାଟନର ସମ୍ମୁଖୀନ ହେଉଥିଲେ ମଧ ଶାସନାଧୀନ ସରକାର ସାମ୍ବାଦିକ ମାନଙ୍କର ଜୀବନ ଜୀବିକାର ମୁଖ୍ୟ ସମସ୍ୟା ସାମ୍ବାଦିକ ମାନଙ୍କୁ ପେନ୍‌ସନ୍ ପ୍ରଦାନ ଉପରେ ସାମାନ୍ୟତମ ଦୃଷ୍ଟି ଦେଉନାହାନ୍ତି । ଏପରିକି ବିରୋଧୀ ଦଳ ପକ୍ଷରୁ ମଧ କୌଣସି ଦାବି ମଧ ଉପସ୍ଥାପନ କରୁନାହାଁନ୍ତି ବୋଲି ଆଲୋଚିତ ହେଉଛି । ସାଂସଦ, ବିଧାୟକ, ମାନେ ମାତ୍ର ୫ ବର୍ଷ ମାସିକ ମୋଟା ଅଙ୍କର ବେତନ ସହ ଅନ୍ୟାନ ଭତ୍ତା ପାଇ ଦେଶ, ରାଜ୍ୟ ସେବା କରୁଥିବାର ଡିଣ୍ଡିମ ପିଟି ମାତ୍ର ୫ ବର୍ଷ ପରେ ମୋଟା ଅଙ୍କର ପେନ୍‌ସନ୍ ପାଉଥିବା ବେଳେ, ଅବସର ସରକାରୀ କର୍ମଚାରୀ, ବିଧବା, ଭିନ୍ନକ୍ଷମ, ସ୍ୱାମୀ ପରିତ୍ୟକ୍ତା ଭଳି ବିଭିନ୍ନ ବର୍ଗର ଲୋକମାନଙ୍କୁ ଜୀବନ ଧାରଣ ପ୍ରତି ଦୃଷ୍ଟି ଦେଇ ପେନ୍‌ସନ୍ ଓ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ସାମ୍ବାଦିକ ମାନଙ୍କ ପ୍ରତି ସରକାରୀ ଓ ବିରୋଧୀ ଦଳଙ୍କର କାହିଁକୀ ବିତସ୍ପୃହ ମନୋଭାବ ତାହା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମତପ୍ରକାଶ ପାଇଛି । ସାମ୍ବାଦିକ ମାନଙ୍କ ବାସ୍ତବ ଜୀବନ ଜୀବିକାକୁ ଉପଲବ୍ଧି କରି କେତେକ ରାଜ୍ୟରେ ସାମ୍ବାଦିକ ମାନଙ୍କ ଜୀବନଧାରଣ ଲାଗି ମାସିକ ସାମ୍ବାଦିକ ପେନ୍‌ସନ୍ ପ୍ରଦାନ କରି ଯୁଗାନ୍ତକାରି ପଦକ୍ଷେପ ଗ୍ରହଣ କରିଥିବାବେଳେ ଆମ ଓଡ଼ିଶାରେ ଦଶନ୍ଧି ଦଶନ୍ଧି ଧରି ଚିହ୍ନଟ ପ୍ରକ୍ରିୟାରେ ସୀମିତ ରହି କେବଳ ମିଥ୍ୟା ପ୍ରତିଶୃତି ଦେଇ ସାମ୍ବାଦିକ ମାନଙ୍କୁ ଭୁଆଁ ବୁଲାଇବାରେ ଲାଗିଛନ୍ତି, ଯାହାକି ଅତ୍ୟନ୍ତ ଦୁଃଖ ଓ ଲଜ୍ୟାର କଥା ବୋଲି ଜନସାଧାରଣରେ ଆଲୋଚିତ ହେଉଛି । ମନ୍ତ୍ରୀ ବିଧାୟକ ମାନେ ନିଜର ଦରମା ଓ ଭତ୍ତା ବୃଦ୍ଧି କଥା ପଡିଲେ ଦଳବଳ ନିର୍ବିଶେଷରେ ଏକଜୁଟ୍ ହୋଇ ପ୍ରସ୍ତାବକୁ ଅନୁମୋଦନ କରୁଥିବା ବେଳେ ସାମ୍ବାଦିକ ମାନଙ୍କର ମୁଖ୍ୟ ସମସ୍ୟା ପେନ୍‌ସନ୍ ପ୍ରଦାନ ମରୀଚିକା ହୋଇ ରହିଯାଉଛି । ସତେ ଯେମିତି ସାମ୍ବାଦିକ ମାନେ ସମାଜର ସାବତ ପୁଅ ସଦୃଶ ତେଣୁ ସମସ୍ତ ସାମ୍ବାଦିକ ସଂଘ ଏକଜୁଟ୍ ହୋଇ ନିଜର ଦାବି କରିବାର ଆବଶ୍ୟକତା ରହୁଛି ।

### ////// ସାମୟିକ ମାର୍ଗ ପରିବର୍ତ୍ତନ ହୋଇଥିବା ଟ୍ରେନ୍‌ର ଯାତ୍ରୀଙ୍କ ପାଇଁ //////

# କଟକ ଓ ନରାଜ ମାର୍ଥାପୁର ଷ୍ଟେସନ୍ ମଧ୍ୟରେ ରେଳବାଇ ପକ୍ଷରୁ ମାଗଣା ବସ୍ ସେବା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଟକ ରେଳ ଷ୍ଟେସନ୍‌ର ପ୍ଲାଟ୍‌ଫର୍ମ ନମ୍ବର ୨ରେ ଚାଲୁରହିଥିବା ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଟ୍ରେନ୍ ପରିଚାଳନାରେ ଅସ୍ଥାୟୀ ପରିବର୍ତ୍ତନ ଘୋଷଣା କରିଛି ଏବଂ ଯାତ୍ରୀ ସୁବିଧା ସୁବିଧା ପାଇଁ ପଦକ୍ଷେପ ଯୋଡ଼ିଛି । ୧୧ ଅଗଷ୍ଟରୁ ୧ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ, ନିମ୍ନଲିଖିତ ତିନୋଟି ଟ୍ରେନ୍‌କୁ କଟକ ଷ୍ଟେସନ୍ ପରିବର୍ତ୍ତେ ସାମୟିକ ମାର୍ଗ ପରିବର୍ତ୍ତନ କରାଯାଇ ବାରଙ୍ଗ-ନରାଜ ମାର୍ଥାପୁର-ମାଛପୁର-ସାଲଗାଁ-କପିଳାସ ରୋଡ ଦେଇ ଚଳାଚଳ କରାଯିବ: ୧୨୫୧୫ କୋଏମ୍ବାଟୁର-ସିଲଚର ସୁପରଫାଷ୍ଟ ଏକ୍ସପ୍ରେସ୍, ୨୨୬୪୩ ଏର୍ଣ୍ଣାକୁଲମ୍-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ୍, ୧୨୫୦୯ ବେଙ୍ଗାଲୁରୁ-ଗୌହାଟି ତ୍ରି-ସାପ୍ତାହିକ ଏକ୍ସପ୍ରେସ୍ । ଏହି ଟ୍ରେନ୍‌ଗୁଡ଼ିକ ଉପରୋକ୍ତ ଅବଧି ମଧ୍ୟରେ ନରାଜ ମାର୍ଥାପୁର ରେଳ




ଷ୍ଟେସନ୍‌ରେ ଅସ୍ଥାୟୀ ରହଣି ପ୍ରଦାନ କରିବେ । ଯାତ୍ରୀମାନଙ୍କ ସୁଗମ ସଂଯୋଗ ସୁନିଶ୍ଚିତ କରିବା ପାଇଁ, ମାର୍ଗ ପରିବର୍ତ୍ତନ କରାଯାଇଥିବା ଟ୍ରେନ୍‌ଗୁଡ଼ିକର ଯାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଉଭୟ ପାର୍ଶ୍ୱରୁ କଟକ ଏବଂ ନରାଜ ମାର୍ଥାପୁର ରେଳ ଷ୍ଟେସନ୍ ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ମାଗଣା ବସ୍ ସେବା ଉପଲବ୍ଧ କରାଯାଉଛି । ପରିବର୍ତ୍ତନ କରାଯାଇଥିବା ଟ୍ରେନ୍‌ଗୁଡ଼ିକରେ କଟକ ଆସିବା ପାଇଁ ଟିକେଟ୍ ବୁକ୍ କରିଥିବା ଯାତ୍ରୀମାନଙ୍କୁ ନରାଜ ମାର୍ଥାପୁର ଷ୍ଟେସନ୍‌ରେ ଓହ୍ଲାଇ ଦିଆଯିବ। ସେଠାରୁ ସେମାନଙ୍କୁ କଟକ ରେଳ ଷ୍ଟେସନ୍‌କୁ ନେବା ପାଇଁ ମାଗଣା ବସ୍ ସେବା ଯୋଗାଇ ଦିଆଯିବ। ସେହିପରି, ଉପରୋକ୍ତ ପରିବର୍ତ୍ତନ କରାଯାଇଥିବା ଟ୍ରେନ୍‌ଗୁଡ଼ିକରେ କଟକରୁ ଟିକେଟ୍ ବୁକ୍ କରିଥିବା ଯାତ୍ରୀମାନଙ୍କୁ ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ବହୁ ପୂର୍ବରୁ କଟକ ରେଳ ଷ୍ଟେସନ୍‌ରେ ପହଞ୍ଚିବାକୁ ଅନୁରୋଧ କରାଯାଇଛି । ସେମାନଙ୍କୁ ମାଗଣା ବସ୍ ସେବା ଦ୍ୱାରା ନରାଜ ମାର୍ଥାପୁର ଷ୍ଟେସନ୍‌କୁ ସେମାନଙ୍କ ସମ୍ପୃକ୍ତ ଟ୍ରେନ୍‌ରେ ଚଢ଼ିବା ପାଇଁ ପରିବହନ କରାଯିବ । କଟକ ଷ୍ଟେସନ୍‌ରେ ନୂତନ ଏୟାର୍ କନ୍‌କୋର୍ସ ନିର୍ମାଣ, ଗ୍ରାନାଇଟ୍ ବିଛାଇବା କାର୍ଯ୍ୟ ଏବଂ ପ୍ଲାଟ୍‌ଫର୍ମ ନମ୍ବର ୨ରେ ଗ୍ରାଉଟ୍ ଏବଂ ପାଇଲ୍ ଓ୍ୱାର୍କସ୍ ସମେତ ପ୍ରମୁଖ ଭିତ୍ତିଭୂମି ଉନ୍ନତିକରଣକୁ ସୁବିଧାଜନକ କରିବା ପାଇଁ ଏହି ଅସ୍ଥାୟୀ ବ୍ୟବସ୍ଥା କରାଯାଇଛି । ବସ୍ ସେବାର ଲାଭ ଉଠାଇବା ଏବଂ ଯେକୌଣସି ଅସୁବିଧାକୁ ଏଡାଇବା ପାଇଁ ଯାତ୍ରୀମାନଙ୍କୁ ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ନିର୍ଦ୍ଧାରିତ ପ୍ରସ୍ଥାନ ସମୟର ବହୁ ପୂର୍ବରୁ କଟକ ଷ୍ଟେସନ୍‌ରେ ପହଞ୍ଚିବାକୁ ରେଳବାଇ ପକ୍ଷରୁ ପରାମର୍ଶ ଦିଆଯାଇଛି । ପୂର୍ବତଟ ରେଳପଥ ଭବିଷ୍ୟତରେ କଟକ ଷ୍ଟେସନ୍ ଠାରେ ଏକ ଉନ୍ନତ ଏବଂ ଅଧିକ ଆଧୁନିକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ଦିଗରେ କାର୍ଯ୍ୟ କରୁଥିବାରୁ ଜନସାଧାରଣଙ୍କ ଠାରୁ ସହଯୋଗ ଲୋଡ଼ିଛି ।

# 'ସୁଭଦ୍ରା' ଯୋଜନା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିଛି'

**ରାଉରକେଲା, ନ୍ୟୁଜ୍**

ଯୁଗାନ୍ତକାରୀ ଯୋଜନା 'ସୁଭଦ୍ରା' ଅନ୍ତର୍ଗତ ସମଗ୍ର ରାଜ୍ୟର ହିତାଧିକାରୀ ମାନଙ୍କୁ ତୃତୀୟ କିସ୍ତି ପ୍ରଦାନ କରାଯାଇଛି। କୋରାପୁଟ ଜିଲ୍ଲା ସ୍ଥିତ ଜୟପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ଏହି ତୃତୀୟ କିସ୍ତି ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦର ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ରାଜଗାଙ୍ଗପୁର ପୌର ପରିଷଦର ଉପାଧ୍ୟକ୍ଷ ଏମ୍ ଡି ଇରଫାନ୍ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ଷା ବନ୍ଧନର ଶୁଭ ଅବସରରେ ସମସ୍ତ ଅତିଥି ମାନଙ୍କୁ ସୁଭଦ୍ରା ମା'ମାନେ ତ୍ରିରଙ୍ଗା ରାକ୍ଷୀ ବାନ୍ଧି ଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା ମହାପାତ୍ର ନିଜ ଅଭିଭାଷଣରେ କହିଥିଲେ 'ଭଉଣୀ ମାନଙ୍କ ବିକାଶରେ ସମଗ୍ର ସମାଜର ବିକାଶ ହୋଇଥାଏ। ମହିଳାମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ଆର୍ଥିକ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ସହାୟତା ସମସ୍ତଙ୍କ ଆଶା ପୂରାଣ କରିବାରେ ସହାୟକ ହେବ' । ଏହି ଅବସରରେ ମୁଖ୍ୟ ଅତିଥି ଉପ ବାଚସ୍ପତି ଶ୍ରୀ ଭୋଇ ରକ୍ଷା ବନ୍ଧନର ଶୁଭକାମନା ଜଣାଇଥିଲେ ଏବଂ ନିଜ ବକ୍ତବ୍ୟରେ କହିଥିଲେ ଯେ, 'ସୁଭଦ୍ରା ଯୋଜନା ମା'ମାନଙ୍କୁ ଆଗକୁ ବଢ଼ିବାର ବରିଷ୍ଠ ସୁଯୋଗ ଦେଇଛି। ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣରେ ମଧ ସହାୟକ ହୋଇଛି। ଏହି ସହାୟତାକୁ ମା'ମାନେ ବିଭିନ୍ନ କାର୍ଯ୍ୟରେ



ଉପଯୋଗ କରିଥାନ୍ତି ସେ ଗୃହ କାର୍ଯ୍ୟ ହେଉ ଅବା ଚାଷ କାମ କିମ୍ବା ପିଲାଙ୍କ ପାଠ ପଢା ତଥା ନିଜ ପରିବାରକୁ ମଧ ଆର୍ଥିକ ଭାବେ ସ୍ୱଚ୍ଛଳ କରିଥାନ୍ତି।' ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ୪,୨୧,୪୫୧ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କରାଯାଇଛି। ସେହିଭଳି କାର୍ଯ୍ୟକ୍ରମରେ ଜୟପୁର ଠାରେ ହେଉଥିବା ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ଉତ୍ସବ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମଧ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଦର ବ୍ଲକ୍‌ର ସୁଭଦ୍ରା ହିତାଧିକାରୀ ମେନକା ସିଂହ, ରବତି ଭୋଇ, ବାଲିଶଙ୍କରା ବ୍ଲକର ଇନ୍ଦୁମତି ନାୟକ, ଟାଙ୍ଗରପାଲି ବ୍ଲକର ଅନିମା ପଟେଲ, ଲେଫ୍ରିପଡ଼ା ବ୍ଲକର ମମତା ଅମାତ ଏବଂ ସବ୍‌ଡେଗା ବ୍ଲକର ପୂର୍ଣ୍ଣିମା ସେନାପତି ସୁଭଦ୍ରା ଯୋଜନାରେ ସାମିଲ୍ ହୋଇ କିଭଳି ଭାବେ ବିଭିନ୍ନ ବ୍ୟବସାୟ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ତାହା ଉପରେ ଅନୁଭବ ବାଣ୍ଟି ଥିଲେ। ସେହିଭଳି ଜିଲ୍ଲାରେ ସୁଭଦ୍ରା ସଶକ୍ତିକରଣ' ବିଷୟ ବସ୍ତୁକୁ ନେଇ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେଥିରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜନ ପ୍ରତିନିଧି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବ୍ଲକର ସୁଭଦ୍ରା ହିତାଧିକାରୀ ମାନେ ଯୋଗଦେଇଥିଲେ।





## ସମ୍ ପକ୍ଷରୁ ବନ୍ଧ୍ୟାତ୍ୱ ସଂକ୍ରାନ୍ତ ସିଏମ୍‌ଇ ଆଣ୍ଡ୍ରୋଏକ୍ସଏଲ୍-୨୦୨୫

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସମ୍ ଅଲ୍ଟିମେଟ୍ ମେଡିକେୟାର ପକ୍ଷରୁ ପୁରୁଷ ଯୌନ ଅକ୍ଷମତା ଏବଂ ବନ୍ଧ୍ୟାତ୍ୱ ସମ୍ପର୍କିତ କର୍ମଶାଳା ଏବଂ ସିଏମ୍‌ଇ ଆଣ୍ଡ୍ରୋଏକ୍ସଏଲ୍ ୨୦୨୫ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଆୟୋଜିତ ଏହି ଦିନିକିଆ କର୍ମଶାଳାରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପୁରୁଷ ଚିକିତ୍ସାବିଜ୍ଞାନୀ ଉପସ୍ଥିତି ରହିଥିଲେ। ଏହି କାର୍ଯ୍ୟକ୍ରମରେ ନ୍ୟାସ୍‌ନାଲ୍ ମେଡିକାଲ୍ କମିଶନ (ଏନ୍‌ଏମ୍‌ସି)ର ଅଧ୍ୟକ୍ଷ ଡକ୍ଟର ବିଜୟ ଓଜା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଶିଷ୍ଟ ବିଶେଷଜ୍ଞମାନଙ୍କ ମଧ୍ୟରେ ବରିଷ୍ଠ ୟୁରୋଲୋଜିଷ୍ଟ, ଆଣ୍ଡ୍ରୋଲୋଜିଷ୍ଟ ଏବଂ ଟ୍ରାନ୍ସପ୍ଲାଣ୍ଟ ସର୍ଜନ, ପ୍ରଫେସର (ଡାକ୍ତର) ଦତେଶ୍ୱର ହୋତା, ସମ୍ ଅଲ୍ଟିମେଟର ମେଡିକେୟାର ଚିଫ୍ ଅଫ୍ ମେଡିକାଲ୍ ସର୍ଭିସେସ୍ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର, ସମ୍ ହସ୍ପିଟାଲର ୟୁରୋଲୋଜି ବିଭାଗର ପ୍ରଫେସର (ଡାକ୍ତର) ଦେବବ୍ରତ ସାବତ ଏବଂ ସମ୍ମ୍‌ର ୟୁରୋଲୋଜି ବିଭାଗର ସିନିୟର୍ କନ୍‌ସଲଟାଣ୍ଟ ଡାକ୍ତର ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ। ଭାରତର ବିଭିନ୍ନ ପ୍ରାନ୍ତରୁ ପ୍ରତିଷ୍ଠିତ ଚିକିତ୍ସା ବିଜ୍ଞାନୀଙ୍କ ଉପସ୍ଥିତି କାର୍ଯ୍ୟକ୍ରମର ଶୋଭା ବୃଦ୍ଧି କରିଥିଲା। ସେମାନଙ୍କ ମଧ୍ୟରେ ଡାକ୍ତର ଦୀପକ ଗୁପ୍ତେ, ଡାକ୍ତର ପ୍ରଶାନ୍ତ ପଟ୍ଟନାୟକ, ଡାକ୍ତର ପ୍ରିୟଙ୍କା କୋଠାରି (ମୁମ୍ବାଇ), ଡାକ୍ତର ପ୍ରିୟରଂଜନ ନନ୍ଦୀ, ଡାକ୍ତର ନିଲାନ ମିତ୍ର (କୋଲକାତା), ଡାକ୍ତର ବିନୀତ ମାଲହୋତ୍ରା (ଦିଲ୍ଲୀ), ଡାକ୍ତର କାର୍ତିକେୟାନ୍ ଭି.ଏସ୍ (ଚେନ୍ନାଇ), ଡାକ୍ତର ପୁଭାଇ ମୁରୁଗାନ୍ (କୋଏମ୍ବାଟୁର), ଡାକ୍ତର ହରପ୍ରୀତ ସିଂ (ଜାମସେଦପୁର) ଏବଂ ଡାକ୍ତର ପ୍ୟାରିଲାଲ୍ ତ୍ରିପାଠୀ (ବରଗଡ) ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଓଜା କହିଥିଲେ ଯେ ଆଣ୍ଡ୍ରୋଲୋଜି ଆମର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଆମର ଡାକ୍ତରୀ ଶିକ୍ଷା ବ୍ୟବସ୍ଥାରେ ଏହାର ସୀମିତ ଉପସ୍ଥିତି ରହିଛି। ବର୍ଦ୍ଧିତ ପରିସର, ବିଶେଷଜ୍ଞଙ୍କ ଯୋଗ୍ୟତା ଏବଂ କେନ୍ଦ୍ରିତ ତାଲିମ୍ ସହିତ ଏହାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସଂସ୍କାର ଅଣାଯାଉଛି ବୋଲି ଡାକ୍ତର ଓଜା କହିଥିଲେ। ପ୍ରଫେସର (ଡାକ୍ତର) ହୋତା ପୁରୁଷ ଯୌନ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉନଥିବାରୁ ଏହି ପ୍ରସଙ୍ଗକୁ ସମ୍ମୁଖକୁ ଆଣିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ


**ତା୧୨।୮।୨୦୨୫, ଶ୍ରାବଣ ଦି୨୮ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୬।୦୧ ଚନ୍ଦ୍ରୋଦୟ- ରାଘ ୮।୨୬।୧୩**

**ତୃତୀୟା-** ଦିଘ ୮।୪୧ ପର୍ଯ୍ୟନ୍ତ। **ପୂର୍ବଭାଦ୍ର ନକ୍ଷତ୍ର-** ଦିଘ ୧୧।୫୨ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ପ୍ରାଘ ୬।୧୦ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର। ପ୍ରାଘ ୬।୧୦ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ପ୍ରାଘ ୬।୧୦ ଗତେ ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ଦିଘ ୮।୪୧ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୮।୪୧ ଗତେ ଘ ୧୦।୩୫ ମଧ୍ୟେ । ଦିଘ ୧।୦୮ ଗତେ ଘ ୧।୨୭ ମଧ୍ୟେ । **ପର୍ବୋତ୍ସବ-** ଅଂଗଭେଟ ତୃତୀୟା, ଶରଣ ପଞ୍ଚକ ଶେଷ, ବିଶ୍ୱ ଯୁବ ଦିବସ ।



**ମେଷ:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ। ବନ୍ଧୁଙ୍କ ପରାମର୍ଶ କ୍ରମେ କାର୍ଯ୍ୟ କଲେ ସଫଳତା ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଆୟ ଯୋଗ ରହିଛି। ଦେହ ଓ ମନ ଭଲ ରହିବ।



**ବୃଷ:** ଦୁଃସାଧ କାର୍ଯ୍ୟ କରି ସଫଳତା ହାସଲ କରିବେ। ଶତ୍ରୁ ନାଶ ହେବେ। ସାମାଜିକ ସ୍ତରରେ ସମ୍ମାନ ବୃଦ୍ଧି ହେବ। ରୋଜଗାର ଭଲ ହେବ। ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।



**ମିଥୁନ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦ ଦାୟକ ହେବନାହିଁ। ଖର୍ଚ୍ଚର ପରିମାଣ ଅଧିକ ହେବ। ମାନସିକ ଅଶାନ୍ତି ଦେଖାଦେଇପାରେ। ପାରିବାରିକ ଜୀବନରେ କଳହ ସୃଷ୍ଟି ହେବ ।



**କର୍କଟ:** ମାଲିମୋକଦ୍ଦମା କ୍ଷେତ୍ରରେ ସ୍ଥିତି ଅନୁକୂଳ ହୋଇପାରେ। ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ପରିବାରରେ ଅଶାନ୍ତି ଦେଖାଦେଇପାରେ ।




**ସିଂହ:** ବ୍ୟବସାୟରେ ଲାଭବାନ୍ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଦୂରଯାତ୍ରା କରିପାରନ୍ତି। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଗୃହେ ଆନନ୍ଦ ଦେଖାଦେବ। ମହିଳାମାନେ ସୁଖୀ ହେବାର ସୂଚନା।



**କନ୍ୟା:** ଅଟକି ରହିଥିବା କାମଟି ଆପଣଙ୍କର ହୋଇପାରେ। ଅନେକ ଦିନରୁ ଲାଗି ରହିଥିବା ବିବାଦର ସମାଧାନ ହେବ। ରୋଜଗାର ଭଲ ହେବ। ଘରେ ଖୁସିର ବାତାବରଣ ରହିବ। ଦେହ ସୁସ୍ଥ ରହିବ।



**ତୁଳା:** ବ୍ୟବସାୟିକ କ୍ଷେତ୍ରରୁ ଲାଭବାନ୍ ହେବେ। ବନ୍ଧୁ ଦର୍ଶନର ସୁଯୋଗ ମଧ ରହିଛି। ଶତ୍ରୁ ପରାଜିତ ହେବେ। ଶୁଭ ଖବର ପାଇପାରନ୍ତି। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଘରେ ଆନନ୍ଦ ।



**ବିଛା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପିଲାମାନେ ପାଠପଢ଼ାରେ ମନ ଦେବେ। ପାରିବାରିକ ଜୀବନ ସୁଖମୟ ହେବ । ଦେହ ଓ ମନ ଭଲ ରହିବ ।



**ଧନୁ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବେ। ମାନସିକ ଅଶାନ୍ତି ଦେଖାଦେବ। ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ। ଗୃହେ ଅଶାନ୍ତି ଦେଖାଦେବ। ସତ କଥା କହି ବିରୋଧୀ ହୋଇପାରନ୍ତି ।



**ମକର:** ଶୁଭ କାର୍ଯ୍ୟ ପାଇଁ ଆଜି ଦିନଟି ଭଲ ଅଟେ। ଦେବ ଦର୍ଶନର ସୁଯୋଗ ମଧ ଜୁଟିପାରେ। ମନରେ ଭକ୍ତିଭାବ ଜାଗ୍ରତ ହେବ । ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ। ପାରିବାରିକ ଶାନ୍ତି ମିଳିବ। ମହିଳାମାନେ ସୁଖୀ ହେବେ ।



**କୁମ୍ଭ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଶରୀର ସୁସ୍ଥ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟର ପରିମାଣ ବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମନ ଭଲ ରହିବ ।



**ମୀନ:** ସମସ୍ୟାର ସମାଧାନ ହେବ। ବ୍ୟବସାୟରେ ସଫଳତା ହାସଲ କରିବେ। ନିଜର ଜିଦ୍ ପାଇଁ ହଇରାଣରେ ପଡ଼ିପାରନ୍ତି। ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ଜୀବନରେ ବିଶୃଙ୍ଖଳା ସୃଷ୍ଟି ହେବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୭, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୩।୮।୨୦୨୫, ଶ୍ରାବଣ ଦି୨୯ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୬।୧୯ ଚନ୍ଦ୍ରୋଦୟ- ରାଘ ୯।୦୪।୧୦**

**ଚତୁର୍ଥୀ-** ପ୍ରାଘ ୬।୩୭ ପର୍ଯ୍ୟନ୍ତ। ପଞ୍ଚମୀ ନିଘ ୪।୨୪ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୧୦।୩୨ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ଧନୁ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ପ୍ରାଘ ୬।୩୭ ପରେ ବେଲ ନିଘ ୪।୨୪ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୦ ଗତେ ଘ ୭।୧୨ ମଧ୍ୟେ । ଦିଘ ୧।୫୯ ଗତେ ଘ ୫।୨୨ ମଧ୍ୟେ । **ପର୍ବୋତ୍ସବ-** ରକ୍ଷା ପଞ୍ଚମୀ, ଶ୍ରୀମନ୍ଦିରେ ରେଖାପଞ୍ଚମୀ, ବୁଧେଇ ଓଷା ଆରମ୍ଭ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଶୁଳ୍କର ପ୍ରତିଶୋଧ ନେବ ଭାରତ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଲଗାଇଥିବା ଶୁଳ୍କର ପାଲଟା ଜବାବ ଦେବ ଭାରତ। ଆମେରିକାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଭାରତ ସମାନୁପାତିକ ଭାବରେ ଟାରିଫ୍ ଲଗାଇବ। ଏ ସଂକ୍ରାନ୍ତରେ ଭାରତ ସରକାର ଅର୍ଥନୈତିଜ୍ଞମାନଙ୍କ ସହ ବିଚାରବିମର୍ଶ ଆରମ୍ଭ କରିଛନ୍ତି ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଟାରିଫ୍ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଭାରତ ସହ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ହେବ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋ଼ନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଭାରତ ମଧ୍ୟ ଏ ପ୍ରସଙ୍ଗରେ ଆମେରିକା ସହ ଆଉ କୌଣସି ଆଲୋଚନା ହେବ ନାହିଁ ବୋଲି ପରୋକ୍ଷରେ ଆଭାସ ଦେଇଛି। ଏହି ସମୟରେ ଭାରତ ଆମେରିକାରୁ କ୍ରୟ କରିବାକୁ ଥିବା ୩୫୦୦୦ କୋଟି ଟଙ୍କାର ବୋଇଂ କ୍ରୟକୁ ସ୍ଥଗିତ ରଖି ନିଜର ଆଭିମୁଖ୍ୟର କିଞ୍ଚିତ୍ ଆଭାସ ଦେଇଛି। ସେହିପରି ଆଗାମୀ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଆମେରିକା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିପାରେ ବୋଲି ମଧ୍ୟ କୁହାଯାଉଛି। ଏହା ସହ ଆମେରିକା ଉପରେ ଭାରତ ଅନୁରୂପ ଭାବରେ ୫୦% ଟାରିଫ୍ ଲଗାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଭାରତ ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବେ। ତେବେ ଏହି ନିଷ୍ପତ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ବେଜିଂ ଗସ୍ତ କାର୍ଯ୍ୟକ୍ରମ ପରେ ହେବ। ଚଳିତ ବର୍ଷ ଫେବୃଆରୀ ମାସରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲେ। ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯାହା ଦ୍ୱାରା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଛି। ଆମେରିକାକୁ ଭାରତରୁ ବର୍ଷକୁ ପ୍ରାୟ ୨୦୦୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହେଉଥିବାବେଳେ ଶୁଳ୍କ ବୃଦ୍ଧି ଯୋଗୁଁ ଚଳିତ ବର୍ଷ ପ୍ରଥମାର୍ଦ୍ଧରେ ମାତ୍ର ୫୦ କୋଟି ଟଙ୍କାର ଚିଙ୍ଗୁଡ଼ି ରପ୍ତାନୀ ହୋଇ ପାରିଛି। ସେହିପରି ଫାର୍ମା, ଆଇଟି ଓ ପେଟ୍ରୋ କେମିକାଲ ଶିଳ୍ପମଧ ପ୍ରଭାବିତ ହୋଇଛି। ଭାରତ ଏହା ବିରୋଧରେ ବିଶ୍ୱ ବାଣିଜ୍ୟ ସଂଗଠନରେ ଯୁକ୍ତି ରଖିଥିଲେ ମଧ ଆମେରିକା ଏ ସମ୍ପର୍କରେ ଆଲୋଚନା ପାଇଁ ମନା କରି ଦେଇଛି। ଫଳରେ ଭାରତ ନିଜର ସ୍ୱାର୍ଥ ପାଇଁ ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବାକୁ ଯୋଜନା କରୁଛି। ପ୍ରଥମ ପର୍ଯ୍ୟାୟରେ ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ରପ୍ତାନୀ କରୁଛି। ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ଫେବୃୟାରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିବାରୁ ଆମେରିକା ପ୍ରତିଶୋଧାତ୍ମକ ପଦକ୍ଷେପ ନେଇ ଭାରତ ଉପରେ ଅତ୍ୟଧିକ ଟାରିଫ୍ ଲଗାଇଛି।

# ଗାଁକୁ ଫେରିଚାଲ



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ସହରାଞ୍ଚଳରେ ପ୍ରାସାଦ ନିର୍ମାଣ କରି ବସବାସ କରୁଥିବା କେତେକ ବ୍ୟକ୍ତି ଏବଂ କେତେକ ଶାସନକର୍ତ୍ତା ଅନେକ ସମୟରେ ମତବ୍ୟକ୍ତ କରି କହୁଛନ୍ତି, ଅର୍ଥାତ୍ ଅନ୍ୟମାନଙ୍କୁ ପରାମର୍ଶ ଦେଉଛନ୍ତି, "ଗାଁକୁ ଫେରିଚାଲ ।" ସହରରେ ସେମାନେ ସବୁ ପ୍ରକାରର ସୁବିଧା ଭୋଗ କରୁଛନ୍ତି ; ବିଳାସମୟ ହୋଟେଲ ଓ ରେଷ୍ଟୁରାଣ୍ଟରେ ପାର୍ଥିବ ଆନନ୍ଦରେ ମସଗୁଲ ହେଉଛନ୍ତି । ଏହା ସତ୍ତ୍ୱେ ବେଳେବେଳେ ଆହ୍ୱାନ ଦେଉଛନ୍ତି, "ଗାଁକୁ ଫେରିଚାଲ !" ଏହା ଛଳନା ବ୍ୟତୀତ ଅନ୍ୟ କିଛି ହୋଇନପାରେ । ଯେଉଁମାନେ ସହରରେ ବୈଷୟିକ ଆନନ୍ଦରେ ଅବସ୍ଥାନ କରୁଛନ୍ତି, ସେମାନେ ଗାଁକୁ ଆସିବା ପାଇଁ ଅନ୍ତରରେ ଆଦୌ ଇଚ୍ଛା କରୁନାହାନ୍ତି ; କିନ୍ତୁ ଉପରଠାଉରିଆ ଲୋକଦେଖାଣିଆ ଭାବରେ 'ଗାଁକୁ ଫେରିଚାଲ' ବୋଲି କହୁଛନ୍ତି ।

ଭାରତବର୍ଷର କେତେକ ଗାଁରେ ଭଲ ପକ୍କା ରାସ୍ତା ନାହିଁ, ରାତିରେ ଗାଁର ରାସ୍ତାଗୁଡ଼ିକ ଘନ ଅନ୍ଧାର ଭିତରେ ନିମଗ୍ନ ରହୁଛି । ଅତ୍ୟାଧୁନିକ ବିଶେଷ ସୁଖସୁବିଧା ଗ୍ରାମାଞ୍ଚଳରେ ଉପଲବ୍ଧ ହେଉନାହିଁ । ସେହି ଦୃଷ୍ଟିରୁ ସହରର ବାସିନ୍ଦାମାନେ ଗାଁକୁ ଆସିବାକୁ ଅନିଚ୍ଛୁକ ହେଉଛନ୍ତି ଏବଂ ଗ୍ରାମବାସୀଙ୍କୁ ହେୟଜ୍ଞାନ କରୁଛନ୍ତି । ଯେଉଁମାନେ ସହରରେ ଉଜ୍ଜ୍ୱଳ ବିଦ୍ୟୁତ ଆଲୋକରେ ଚଳପ୍ରଚଳ ହେଉଛନ୍ତି, ସେମାନେ ଗ୍ରାମାଞ୍ଚଳର ଘନ ଅନ୍ଧକାରାଚ୍ଛନ୍ନ ରାସ୍ତାରେ ଯାତାୟାତ କରିବାକୁ ଆଦୌ ରାଜି ହେଉନାହାନ୍ତି। କେତେକ ଗ୍ରାମରେ ବିଜୁଳି ଆଲୁଅ ଦିକିଦିକି ହୋଇ ଜଳୁଛି, ଅର୍ଥାତ୍ ନିମ୍ନ ଭୋଲ୍‌ଟେଜ୍‌ରେ ଜଳୁଛି । ଯେଉଁ ଗାଁକୁ ପାଇପ୍ ଦ୍ୱାରା ଜଳଯୋଗାଣ କରାଯାଇଛି, ସେଠାରେ ଅନେକ ସମୟରେ ପାଇପ୍‌ରେ ପାଣି ଆସୁନାହିଁ । ଯେଉଁ ଗାଁରେ ପକ୍କା ରାସ୍ତା ହୋଇଛି, ସେଠାରେ ଅଧିକାଂଶ ରାସ୍ତାର ଦୁରବସ୍ଥା କହିଲେ ନସରେ । ଏହିସବୁ ଦୃଷ୍ଟିରୁ ବିଚାରକଲେ ଭାରତରେ ଗ୍ରାମାଞ୍ଚଳଗୁଡ଼ିକ ଅବହେଳିତ ଅବସ୍ଥାରେ ରହିଛି । କୌଣସି ସାମାଜିକ ବିପ୍ଳବ ଗ୍ରାମାଞ୍ଚଳରୁ ଆରମ୍ଭ ହୋଇଥାଏ ବୋଲି ବିଶ୍ୱ-ଇତିହାସରେ ଲିପିବଦ୍ଧ ହୋଇ ରହିଛି । ମହାତ୍ମାଗାନ୍ଧୀ ଗୁଜରାଟର ସାବରମତିଠାରେ ଏକ ଆଶ୍ରମ ପ୍ରତିଷ୍ଠା କରିଥିଲେ ଏବଂ ଆମ୍ଭମାନଙ୍କ ସମ୍ମୁଖରେ ଏକ ଦୃଷ୍ଟାନ୍ତ ଉପସ୍ଥାପନ କରିଯାଇଥିଲେ ଯେ ଗ୍ରାମାଞ୍ଚଳ ହେଉଛି ଭାରତୀୟ ସଂସ୍କୃତି ଓ ସଭ୍ୟତାର ପ୍ରାଣପିଣ୍ଡ । ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ଜୟପ୍ରକାଶ ନାରାୟଣ, ଆଚାର୍ଯ୍ୟ ନରେନ୍ଦ୍ରଦେବ, ବିନୋବା ଭାବେ, ଦାଦା ଧର୍ମାଧିକାରୀ ପ୍ରମୁଖ ଗ୍ରାମାଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ଏକ ଜାଗରଣ ପାଇଁ ସତତ ପ୍ରୟାସୀ ହୋଇଥିଲେ । ଆମ ରାଜ୍ୟ ଓଡ଼ିଶାରେ ଉତ୍କଳମଣି ଗୋପବନ୍ଧୁ ଦାସ ସତ୍ୟବାଦୀଠାରେ ଶିକ୍ଷା, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଏକ ନୂତନ ଯୁଗ ଆରମ୍ଭ କରିଥିଲେ । ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ଓ ରମାଦେବୀ ବରୀ ଭଳି ଅପନ୍ତରା ବନ୍ୟାକ୍ଲିଷ୍ଟ ଅଞ୍ଚଳରେ ଗ୍ରାମବାସୀମାନଙ୍କ ସେବାରେ ସମସ୍ତ ସମୟ ନିୟୋଜିତ କରିଥିଲେ। ନବକୃଷ୍ଣ ଚୌଧୁରୀ ଓ ମାଳତୀଦେବୀ ଅନୁଗୁଳର ବାଜିରାଉତ ଛାତ୍ରାବାସରେ ଶିକ୍ଷା ଓ ସମାଜସେବାରେ ଏକ ଆଦର୍ଶ ସୃଷ୍ଟି କରିଥିଲେ । କେବଳ ଆମ ଦେଶ ଭାରତବର୍ଷରେ ନୁହେଁ, ପୃଥିବୀର ବିଭିନ୍ନ ଦେଶରେ ଯଥାର୍ଥ ସାମାଜିକ ଓ ସାଂସ୍କୃତିକ ଜାଗରଣ ଗ୍ରାମାଞ୍ଚଳରୁ ହିଁ ଆରମ୍ଭ ହୋଇଥିଲା । ରାଲ୍‌ଫ ୱାଲ୍‌ଡୋ ଇମର୍ସନ୍ ଓ ହେନରୀ ଡାଭିଡ୍ ଥରୋଙ୍କ ଭଳି ମହାପୁରୁଷମାନେ ଆମେରିକାର ୱାଲ୍‌ଡେନ୍‌ଠାରେ ଏକ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଜାଗରଣର ସୂତ୍ରପାତ କରିଥିଲା ଭଳି କାଉଣ୍ଟ ଲିଓ ଟଲଷ୍ଟୟ ରୁଷିଆର ୟସ୍‌ନାୟାପୋଲିଆନାଠାରେ କୃଷକମାନଙ୍କର ସେବାରେ ନିଜକୁ ନିୟୋଜିତ କରି ସମାଜସେବା କ୍ଷେତ୍ରରେ ଏକ କ୍ରାନ୍ତିକାରୀ ପଦକ୍ଷେପ ଗ୍ରହଣ କରିଥିଲେ । ଇଂଲଣ୍ଡରେ ମହାମନିଷୀ ଫେନର୍ ବ୍ରୋକ୍‌ୱେ ଥିଲେ ସେହିଭଳି ଏକ ଉତ୍ସର୍ଗୀକୃତ ବ୍ୟକ୍ତି, ଯିଏ ସମାଜର ସାମୂହିକ କଲ୍ୟାଣ ସାଧନ ନିମିତ୍ତ ବ୍ୟକ୍ତିଗତ ଜୀବନରେ ଏକ ବ୍ରତ ଗ୍ରହଣ କରିଥିଲେ ଏବଂ ମହାତ୍ମାଗାନ୍ଧୀଙ୍କର ଜୀବନାଦର୍ଶରେ ପ୍ରଭାବିତ ହୋଇ ଆଣବିକ ଅସ୍ତ୍ର ବିରୋଧରେ ତୀବ୍ର ବିକ୍ଷୋଦ୍‌ଗାର କରିଥିଲେ ଓ ନିଜେ ଆଜୀବନ ନିରାମିଷାଶୀ ରହି ସାତ୍ତ୍ୱିକ ଚେତନାର ଅଧିକାରୀ ହେବା ପାଇଁ ଇଂଲଣ୍ଡର ଅଧିବାସୀମାନଙ୍କୁ ଆହ୍ୱାନଟିଏ ଦେଇଥିଲେ । ସେ ଯଥାର୍ଥରେ ମତବ୍ୟକ୍ତ କରିଥିଲେ ଯେ, ଗ୍ରାମାଞ୍ଚଳ ହେଉଛି ସମଗ୍ର ବିଶ୍ୱସଭ୍ୟତା ଓ ମାନବ-ସଂସ୍କୃତିର ମୂଳ ଉତ୍ସ । ସବୁବେଳେ ସାମାଜିକ ଜାଗରଣ ଗାଁଗହଳରୁ ଆରମ୍ଭ ହୋଇଥାଏ ବୋଲି ସେ ଦୃଢ଼ମତ ପୋଷଣ କରିଥିଲେ ।

କିନ୍ତୁ କ୍ଷୋଭର ସହିତ କହିବାକୁ ହେଉଛି, ସାମ୍ପ୍ରତିକ ସମୟରେ ଗ୍ରାମାଞ୍ଚଳରେ କୌଣସି ସାମାଜିକ ଓ ସାଂସ୍କୃତିକ ବିପ୍ଳବର ସୂତ୍ରପାତ ହେବା ସମ୍ଭବ ହେଉନାହିଁ । ଏହାର ମୂଳରେ ରହିଛି କେବଳ ବିଷାକ୍ତ ରାଜନୀତି । ପାର୍ଲାମେଣ୍ଟ ଓ ବିଧାନସଭା ନିର୍ବାଚନ ସମୟରେ ଅଧିକାଂଶ ଗ୍ରାମର ପରିବେଶ ଯେତିକି କଳୁଷିତ ହୋଇଯାଏ, ତା'ଠାରୁ ବହୁଗୁଣରେ କଳୁଷିତ ହୁଏ ପଞ୍ଚାୟତ ନିର୍ବାଚନ ସମୟରେ । ଗାଁର ବିଭିନ୍ନ ସାହି ବସ୍ତିରେ ଯାବତୀୟ ବିଭେଦ ଓ ବୈଷମ୍ୟର ବିଷମଞ୍ଜି ବୁଣି ଦିଆଯାଏ। ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ କୋଳାହଳରେ ଗାଁଦାଣ୍ଡ ପ୍ରକମ୍ପିତ ହୁଏ। ବହୁସଂଖ୍ୟକ ଛାତ୍ର ଓ ଯୁବକ ରାଜନୈତିକ ବଚସ୍କରମାନଙ୍କ ହାତବାରିସୀ ହୋଇ ନିଜ ନିଜର ଭବିଷ୍ୟତକୁ ବିନଷ୍ଟ କରୁଥିବାର ପରିଲକ୍ଷିତ ହୁଏ । ନିର୍ବାଚନ ଫଳାଫଳ ପ୍ରକାଶିତ ହେବାପରେ ଯେଉଁମାନେ ବିଭିନ୍ନ ପଦ ମଣ୍ଡନ କରନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ କାଳକ୍ରମେ ଖୁବ୍ ସ୍ୱାର୍ଥସର୍ବସ୍ୱ ହୋଇଉଠନ୍ତି ଏବଂ ଗ୍ରାମ୍ୟଜୀବନକୁ ବେଶ୍ ବିଭେଦଗ୍ରସ୍ତ ଓ ବହୁଧା ବିଭକ୍ତ କରିଦିଅନ୍ତି କେବଳ ନିଜ ନିଜର ସ୍ୱାର୍ଥ ସାଧନ ନିମିତ୍ତ । ଜଣେ ଜଣେ ବ୍ୟକ୍ତି ବିଭିନ୍ନ ସମୟରେ ଦଳବଦଳ କରି ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସ ସମ୍ପୂର୍ଣ୍ଣ ଭାବରେ ହରାଇ ବସନ୍ତି । ରାଜନୀତିରେ ବିଫଳମନୋରଥ ହୋଇ ସେମାନେ ସଂକୀର୍ଣ୍ଣ ମାନସିକତାର ବଶବର୍ତ୍ତୀ ହେଉଛନ୍ତି ଓ ଫଳସ୍ୱରୂପ ସମାଜ-ଜୀବନର ଧାରାକୁ ବିଷମୟ କରିଦେଉଛନ୍ତି । ବହୁସଂଖ୍ୟକ ଗାଁରେ ଯୁବ କ୍ଲବ ଗଢ଼ିଉଠୁଛି ସତ୍ୟ ; କିନ୍ତୁ ଉଦ୍‌ଭ୍ରାନ୍ତ ଯୁବକମାନେ ତାସ୍, ପଶା ଖେଳି, ଡ୍ରଗ୍ ସେବନ, ସୁରାପାନ କରି ନିଜ ନିଜର ଯୌବନର ଅପବ୍ୟବହାର କରୁଛନ୍ତି ।

ସବୁଠାରୁ ଦୁଃଖର ବିଷୟ ହେଉଛି ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାରିବାରିକ ଜୀବନ ବିଶୃଙ୍ଖଳିତ ହୋଇଛି । ନାରୀ ନିର୍ଯ୍ୟାତନା ଯେଭଳି ବଢ଼ିଚାଲିଛି, ବହୁକ୍ଷେତ୍ରରେ ନର ନିର୍ଯ୍ୟାତନା ମଧ୍ୟ ଲୋକଲୋଚନକୁ ଆସୁଛି । ଭାରତର ଯେକୌଣସି ଗ୍ରାମାଞ୍ଚଳକୁ ଗଲେ ଗୁଡ଼ିଏ ଦୟନୀୟ ଦୃଶ୍ୟ ଦେଖିହେବ । ଗାଁଗହଳରେ ଅନେକ ବୃଦ୍ଧବୃଦ୍ଧା ଜରାଜୀର୍ଣ୍ଣ ରୋଗଗ୍ରସ୍ତ ଅବସ୍ଥାରେ ଶଯ୍ୟାଶାୟୀ ହୋଇ ରହିଥିଲାବେଳେ ସେମାନଙ୍କର ପୁଅବୋହୂ, ଝିଅଜୋଇଁ ସହରାଞ୍ଚଳରେ ଅଟ୍ଟାଳିକା ତୋଳି ଅଏସ୍ ଆରାମ୍‌ରେ କାଳଯାପନ କରୁଥିବାର ସ୍ପଷ୍ଟ ଲକ୍ଷ୍ୟ କରିହେବ । ଏପରିକି କେତେକ ବ୍ୟକ୍ତି କୌଣସି ନା କୌଣସି ଧର୍ମଗୁରୁଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ ସୁଦ୍ଧା ପିତାମାତାଙ୍କ ପ୍ରତି ଅବହେଳା ଓ ଅସଦାଚରଣ ପ୍ରଦର୍ଶନ କରୁଥିବାର ଅନୁଭୂତ ହୁଏ । ଗୁରୁଙ୍କ ଆଶ୍ରମକୁ ଯାଇ ଭଜନ କୀର୍ତ୍ତନ କରିବା ପାଇଁ ସେମାନଙ୍କର ଯଥେଷ୍ଟ ସମୟ ଥାଏ ; କିନ୍ତୁ ନିଜର ବୃଦ୍ଧ ଓ ବ୍ୟାଧିଗ୍ରସ୍ତ ପିତାମାତାଙ୍କ ଯତ୍ନ ନେବା ପାଇଁ ସେମାନେ ଆଦୌ ସମୟ ପାଆନ୍ତି ନାହିଁ । ସୁତରାଂ ଧର୍ମାଚରଣ ଏହିଭଳି ଭାବରେ ଏକ ଲୋକଦେଖାଣିଆ ପର୍ବରେ ପର୍ଯ୍ୟବସିତ ହୁଏ ।

ଗାଁଗହଳରେ ଏବଂ ସହରାଞ୍ଚଳରେ ମଧ୍ୟ ଆଜିକାଲି ଯେଉଁ ଅଷ୍ଟପ୍ରହର ନାମଯଜ୍ଞ, ଗୀତାଯଜ୍ଞ, ରାମାୟଣ, ଭାଗବତ ପାରାୟଣ ଅନୁଷ୍ଠିତ ହେଉଛି, ତାହା ଅନେକତ୍ର କେବଳ ଛଳନା ଓ ଆତ୍ମପ୍ରତାରଣା ବ୍ୟତୀତ ଅନ୍ୟକିଛି ହୋଇନପାରେ । ମହାତ୍ମାଗାନ୍ଧୀ ଓ ସ୍ୱାମୀ ବିବେକାନନ୍ଦ ଯଥାର୍ଥରେ ମତବ୍ୟକ୍ତ କରିଛନ୍ତି ଯେ, ଈଶ୍ୱର କୌଣସି ମନ୍ଦିର, ମସ୍‌ଜିଦ୍, ଗୀର୍ଜା ବା ଗୁରୁଦ୍ୱାରର ଚାରି କାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହାନ୍ତି କିମ୍ବା କୌଣସି ସଦ୍‌ଗ୍ରନ୍ଥକୁ କେବଳ ଅଧ୍ୟୟନ କଲେ ମନୁଷ୍ୟ ଈଶ୍ୱରତ୍ୱ ପ୍ରାପ୍ତ ହୁଏନାହିଁ । ଈଶ୍ୱର କେବଳ ମନୁଷ୍ୟ ଓ ସମସ୍ତ ଜୀବଙ୍କ ଅନ୍ତଃକରଣରେ ବିରାଜିତ ଏବଂ ଆଚରଣରେ ସତ୍ୟନିଷ୍ଠା ପ୍ରତିଫଳିତ ହେଲେ ମନୁଷ୍ୟର ଈଶ୍ୱରତ୍ୱ ପ୍ରାପ୍ତିର ମାର୍ଗ ସହଜ ହୋଇପାରିବ ବୋଲି ସେମାନେ କହିଛନ୍ତି । ଜୀବନକୁ ଉପଭୋଗ ନୁହେଁ, ଉପଯୋଗ କରିବାକୁ ହେବ ବୋଲି ସ୍ୱାମୀ ବିବେକାନନ୍ଦ ଦୃଢ଼ତାର ସହ ମତ ପୋଷଣ କରିଛନ୍ତି । ମନୁଷ୍ୟ ନିଜର ଜୀବନକୁ ସତ୍‌ମାର୍ଗରେ ଉପଯୋଗ କରି ନିଜର ଅସ୍ତିତ୍ୱକୁ ଯଥାର୍ଥରେ ଉପଲବ୍ଧି କରିପାରିଲେ ଯାଇ ଦେବତ୍ୱରେ ଅଧିରୂଢ଼ ହୋଇପାରିବ ଏବଂ ଆଧ୍ୟାତ୍ମିକ ସିଦ୍ଧି ଅର୍ଜନ କରିପାରିବ । ଏବେ ସହରରେ ହେଉ ବା ଗାଁରେ, ଯେଉଁମାନଙ୍କୁ କେବଳ ବିଳାସ ଓ ଉପଭୋଗର ନିଶା ଘାରିଛି ଏବଂ ଯେଉଁମାନେ ଉପରଠାଉରିଆ ଲୋକଦେଖାଣିଆ ଭାବରେ ଧର୍ମଗୁରୁଙ୍କର ଶିଷ୍ୟତ୍ୱ ଗ୍ରହଣ କରୁଛନ୍ତି, ଧର୍ମପ୍ରବଚନ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି, ମନ୍ଦିର, ମସଜିଦ୍, ଗୀର୍ଜା, ଗୁରୁଦ୍ୱାର ନିର୍ମାଣରେ ମନ ବଳାଇଛନ୍ତି, ସେମାନେ କସ୍ମିନ୍‌କାଳେ ଆତ୍ମୋପଲବ୍ଧିର ସୋପାନରେ ଉପନୀତ ହୋଇପାରିବେ ନାହିଁ ଏବଂ ଫଳସ୍ୱରୂପ ସେମାନଙ୍କ ଈଶ୍ୱର-ଆରାଧନା କେବଳ ତୁଚ୍ଛା ଆତ୍ମବଞ୍ଚନାରେ ପରିଣତ ହେବ । ଗ୍ରାମ ଓ ସହର ଉଭୟ ଅଞ୍ଚଳରେ ଯେତେ ଧର୍ମାନୁଷ୍ଠାନର ଆୟୋଜନ କରାଗଲେ ସୁଦ୍ଧା ବ୍ୟକ୍ତି-ଚରିତ୍ରର ସଂସ୍କାର ନହେବା ପର୍ଯ୍ୟନ୍ତ ସକଳ ଧର୍ମାନୁଷ୍ଠାନ ମୂଲ୍ୟହୀନ ହୋଇପଡୁଛି ଓ ଭବିଷ୍ୟତରେ ହେବ ମଧ୍ୟ ।

ସହରରେ ସାହିତ୍ୟ ଓ ସଂସ୍କୃତି ନାମରେ ଯେଭଳି ଯାବତୀୟ ଉଚ୍ଛୃଙ୍ଖଳତାକୁ ପ୍ରଶ୍ରୟ ଦିଆଯାଉଛି ଗ୍ରାମାଞ୍ଚଳରେ କିଛି ଅସାହିତ୍ୟିକ ଓ ସଂସ୍କୃତିବିହୀନ ବ୍ୟକ୍ତି ଠିକ୍ ସେହିଭଳି ସାହିତ୍ୟ ଓ ସଂସ୍କୃତି ନାମରେ ନିରୁତା ଅସାହିତ୍ୟିକ ଓ କୁତ୍ସିତ କର୍ମରେ ବ୍ୟାପୃତ ଅଛନ୍ତି । ଗଣଜୀବନରେ ସଂସ୍କୃତିର ବିକାଶ ନହେବା ପର୍ଯ୍ୟନ୍ତ ସାହିତ୍ୟ ସଙ୍ଗଠନ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରତିଷ୍ଠାର କୌଣସି ମୂଲ୍ୟ ନାହିଁ କହିଲେ ଚଳେ । ଯେଉଁମାନେ ସହରରେ ବସବାସ କରି ବେଳେବେଳେ ଆହ୍ୱାନ ଦେଉଛନ୍ତି 'ଗାଁକୁ ଫେରିଚାଲ', ସେମାନେ ନିଶ୍ଚିତ ଭାବରେ ଛଳନାର ପାରାବାରରେ ଭାସୁଛନ୍ତି ବୋଲି ଲକ୍ଷ୍ୟ କରିହେବ । ସେମାନେ ସ୍ମରଣ ରଖିବା ଉଚିତ୍ ଯେ, ଉଭୟ ସହରୀ ଜୀବନ ଓ ଗ୍ରାମ୍ୟଜୀବନ ମାନବୀୟ ମୂଲ୍ୟବୋଧ ହରାଇବସିଛି ଏବଂ ଫଳସ୍ୱରୂପ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବ୍ୟକ୍ତି-ଜୀବନରୁ ସଦ୍‌ଗୁଣାବଳୀ ଅପସରି ଯାଇଥିବାରୁ ସମାଜଜୀବନ ଯଥାର୍ଥରେ ଦୁର୍ବିସହ ହୋଇପଡ଼ିଛି । ଯେଉଁମାନେ ସହରରେ ରହି ଗାଁକୁ ଫେରିଆସିବାକୁ ସମୟ ସମୟରେ ମିଛିମିଛିକା କୁହାଟ କରୁଛନ୍ତି ଏବଂ ଯେଉଁମାନେ ଗ୍ରାମାଞ୍ଚଳରେ ରହି ସହରରେ ଜାଗା ଖଣ୍ଡେ କିଣିବାକୁ, ଘରଟିଏ ତୋଳିବାକୁ ହାଇଁପାଇଁ ହେଉଛନ୍ତି, ସେମାନେ ସମସ୍ତେ ଉପଲବ୍ଧି କରିବା ଉଚିତ୍ ଯେ, ଏବେ ସଂସାରର ସକଳ ସ୍ଥାନ ବେଶ୍ ପ୍ରଦୂଷିତ ଓ ବିଶୃଙ୍ଖଳିତ ହୋଇ ରହିଛି । କିଛି ସମୟ ନୀରବରେ ଧ୍ୟାନସ୍ଥ ହୋଇ ବସି ମନ ମଧ୍ୟରୁ ଅଧିକାଧିକ ଅର୍ଥ ଓ କ୍ଷମତାର ଲୋଭ ପରିହାର କରି ପରମାର୍ଥ ଭାବର ଜାଗରଣ ପାଇଁ ଉଦ୍ୟମ କଲେ ଏବଂ ହୃଦୟର ଅଭ୍ୟନ୍ତରରେ ସ୍ୱର୍ଗୀୟ ଶାନ୍ତି ଓ ସନ୍ତୋଷକୁ ଅନ୍ୱେଷଣ କଲେ ଯାଇ ମନୁଷ୍ୟର ଆତ୍ମସାକ୍ଷାତକାର ହେବା ସହିତ ଯଥାର୍ଥ ଦେବତ୍ୱପ୍ରାପ୍ତି ସମ୍ଭବ ହୋଇପାରିବ । କେବଳ ସହରରୁ ଗାଁ ଓ ଗାଁରୁ ସହର ଅଣନିଃଶ୍ୱାସୀ ହୋଇ ଦୌଡ଼ିଲେ ମନୁଷ୍ୟ କେବେ ଶାନ୍ତ ସମାହିତ ହୋଇପାରିବ ନାହିଁ । ସହରରେ ଯେମିତି ମାନବୋଚିତ ସମ୍ପର୍କ ହଜିଯାଇଛି, ଗ୍ରାମାଞ୍ଚଳରେ ମଧ୍ୟ ଠିକ୍ ସେହିଭଳି ଅବସ୍ଥା ଉପୁଜିଛି । ମନୁଷ୍ୟ ଏଭଳି ସ୍ୱାର୍ଥକୈନ୍ଦ୍ରିକ ହୋଇଯାଇଛି ଯେ, ସେ କେବଳ ପତ୍ନୀ, ପୁତ୍ର, କନ୍ୟାଙ୍କ ସ୍ୱାର୍ଥ ସାଧନ ବ୍ୟତୀତ ଅନ୍ୟ କାହାରି ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହିଁ । ନିଜ ପାଇଁ ସଦନଟିଏ ନିର୍ମାଣ କରି ତାରି ମଧ୍ୟରେ ସଂକୁଚିତ ହୋଇ ରହିବା ହୋଇଛି ସାମ୍ପ୍ରତିକ ମନୁଷ୍ୟର ଜୀବନଧର୍ମ । ଜୀବନକୁ ପ୍ରସାରଣ ଅଭିମୁଖୀ ନକରି ମନୁଷ୍ୟ ତାକୁ ଖୁବ୍ ସଂକୁଚିତ କରିଦେଇଛି । ସୁତରାଂ ମାନବୀୟ ସମ୍ପର୍କକୁ ଉଜ୍ଜୀବିତ କରି ଜୀବନକୁ ପ୍ରସାରିତ କରିବାର ଆଭିମୁଖ୍ୟ ଗ୍ରହଣ କଲେ ଯାଇ ମନୁଷ୍ୟ ପୂର୍ଣ୍ଣତା ପଥରେ ପଥିକ ହୋଇପାରିବ। ସହରରେ ହେଉ ବା ଗାଁରେ, ଯେଉଁଠି ହେଲେ ମନୁଷ୍ୟ ଅବସ୍ଥାନ କରି ଶାନ୍ତି ଓ ସଂହତି ପ୍ରତିଷ୍ଠା ଦିଗରେ ପ୍ରୟାସୀ ହୋଇପାରିବା ଏହା ନକରି କେବଳ 'ଗାଁକୁ ଚାଲ' ବା 'ସହରକୁ ଚାଲ' ବୋଲି ଆହ୍ୱାନ ଦେଲେ, ତାହା ଏକ ଗୁରୁଗମ୍ଭୀର ଗର୍ଜନ ଭଳି ବୋଧ ହୋଇପାରେ ; କିନ୍ତୁ ତାହା ଯେ କେତେ ଗୁରୁତ୍ୱହୀନ, ସ୍ପଷ୍ଟ ବାରି ହୋଇପଡ଼ିବ ।

# ରାଜ୍ୟରେ ବେକାରି ସମସ୍ୟା: ସାମାଜିକ ସ୍ଥିରତା ଓ ଅର୍ଥନୈତିକ ବୃଦ୍ଧିପାଇଁ ବିପଦ ରେଖା



ଶେଖ୍ ଅବଦୁଲ ହନିଫ୍

ଓଡ଼ିଶା ଏକ ସାଂସ୍କୃତିକ ଏବଂ ସମୃଦ୍ଧିଶାଳୀ ରାଜ୍ୟ ହେବା ସତ୍ତ୍ୱେ ଏଥିରେ ଦୀର୍ଘ ଦିନ ଧରି ବେକାରି ସମସ୍ୟା ଚାଲିଆସୁଛି। ଏହା ଏକ ଗୁଢ ରହସ୍ୟ ହେବା ସତ୍ତ୍ୱେ ଏହାର ପ୍ରଭାବ ଦିନକୁ ଦିନ ବଢୁଛି। ପ୍ରତିବର୍ଷ ହଜାର ହଜାର ଯୁବକ ଓ ଯୁବତୀ ଶିକ୍ଷା ଶେଷ କରିବା ସତ୍ତ୍ୱେ ଚାକିରି ମିଳିନଥିବାରୁ ନିରାଶ ହେଉଛନ୍ତି। ଇଞ୍ଜିନିୟରିଂ, ପୋଷ୍ଟଗ୍ରାଜୁଏସନ, ଡିପ୍ଲୋମା ପାଠ ପଢ଼ି ଶେଷ କରିଥିବା ଛାତ୍ର/ଛାତ୍ରୀମାନେ ମଧ୍ୟ ଉପଯୁକ୍ତ ଚାକିରି ନପାଇ ଅନ୍ୟ କାମ କରିବାକୁ ବାଧ୍ୟ ହେଉଛନ୍ତି କିମ୍ବା ଘରେ ବସି ରହିଛନ୍ତି। କେବଳ ଶିକ୍ଷିତ ଯୁବକମାନେ ନୁହଁ, କୃଷକ, କାରିଗର ଓ ଦୈନିକ ଶ୍ରମିକମାନେ ମଧ୍ୟ ନିୟମିତ ରୋଜିରୋଟି ମିଳୁନଥିବାରୁ ଦୁଃଖରେ ରହିଛନ୍ତି। ରାଜ୍ୟରେ ସରକାରୀ ଚାକିରି ଉପରେ ଅତ୍ୟଧିକ ନିର୍ଭରଶୀଳତା ଏହି ସମସ୍ୟାକୁ ଆଉ ବଢ଼ାଇଛି, କାରଣ ଚାକିରିର ସଂଖ୍ୟା କମ ଥିବା ବେଳେ ଆବେଦକଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି। ବେକାରିର ଏହି ଭୟାବହ ସ୍ଥିତି କେବଳ ଚାକିରି ବିହୀନ ଲୋକଙ୍କୁ ନୁହଁ, ଚାକିରି କରିଥିବା ଲୋକଙ୍କୁ ମଧ୍ୟ ପ୍ରଭାବିତ କରୁଛି। ବେକାର ଲୋକଙ୍କ ଅଧିକ ସଂଖ୍ୟା ଥିବାରୁ ନିଯୁକ୍ତିଦାତାମାନେ ଏହି ସ୍ଥିତିର ଅନୁପଯୋଗ କରୁଛନ୍ତି। ତାଙ୍କ ଅଳ୍ପ ମଜୁରି ଦେଇ ଅଧିକ କାମ କରାଉଛନ୍ତି, କାରଣ ଜାଣିଛନ୍ତି ଯେ ଦୁଇ ଗୁଣା ଲୋକ ପ୍ରସ୍ତୁତ ଅଛନ୍ତି ଯେଉଁମାନେ କମ ଦରରେ କାମ କରିବେ। ଏହିଭଳି ପରିସ୍ଥିତିରେ ଚାକିରି କରିଥିବା ଲୋକମାନେ ମଧ୍ୟ ଅନ୍ୟାୟ ଓ ଶୋଷଣକୁ ମୁହଁ ଦେଉଛନ୍ତି। ଗୋଟିଏ ପରିବାରରେ ଯଦି କେବଳ ଗୋଟିଏ ଲୋକ କାମ କରୁଛି ଓ ଅନ୍ୟମାନେ ବେକାର, ତେବେ ସେହି କାମ କରୁଥିବା ଲୋକଙ୍କ ଉପରେ ବୃହତ ଆର୍ଥିକ ଓ ମାନସିକ ଚାପ ପଡୁଛି। ଲୋକମାନେ ନିଜର ଦୈନିକ ଖର୍ଚ୍ଚ କମାଇ ଦେଉଛନ୍ତି, ବ୍ୟୟବହୁଳ ବିବାହ କାର୍ଯ୍ୟରୁ ହଟିଯାଉଛନ୍ତି, ବା ବଡ଼ ଖର୍ଚ୍ଚ ପାଇଁ ଚିନ୍ତା କରୁନଥିବା ପରିସ୍ଥିତି ଦେଖାଯାଉଛି। ଅର୍ଥନୈତିକ ଭାବେ ମଧ୍ୟ ଏହ ବେକାରି ରାଜ୍ୟର ଜି.ଡି.ପି ଉପରେ ଖରାପ ପ୍ରଭାବ ପକାଇଛି। ଲକ୍ଷ ଲକ୍ଷ ଯୁବକ ଯୁବତୀ ଖାଲି ବସିଥିବାରୁ ରାଜ୍ୟର ଉତ୍ପାଦନକ୍ଷମତା କମିଯାଉଛି। ଲୋକମାନେ ଆୟ କରୁନଥିବାରୁ ବଜାରରେ ଖର୍ଚ୍ଚ କମିଯାଉଛି। ଏହାର ଫଳରେ ସାଧାରଣ ବ୍ୟବସାୟ, ଛୋଟ ଦୋକାନ ଓ ସେବାକ୍ଷେତ୍ର ମଧ୍ୟ ନଷ୍ଟ ହେଉଛି। ରାଜ୍ୟର ଅର୍ଥନୈତିକ ଗତି ବନ୍ଦ ହେଉଛି। ମାନବ ସମ୍ପଦକୁ ସଦ୍‌ଉପଯୋଗ କରିପାରୁନଥିବାରୁ ଓଡ଼ିଶାର ଜି.ଡି.ପି ସେହି ମାପରେ ବୃଦ୍ଧି ହେଉନଥିବାରୁ ରାଜ୍ୟର ଅନେକ ଯୁବକ ଯୁବତୀ ଅନ୍ୟ ରାଜ୍ୟକୁ ଚାକିରି ଖୋଜିବାକୁ ଯାଉଛନ୍ତି। ଯାହା ଦ୍ୱାରା ସେମାନଙ୍କ ଜ୍ଞାନ ଓ ଯୋଗ୍ୟତା ଅନ୍ୟ ରାଜ୍ୟର ଅର୍ଥନୀତିକୁ ମଜବୁତ କରୁଛି କିନ୍ତୁ ଆମ ରାଜ୍ୟ ଖାଲି ହୋଇଯାଉଛି। ଯଦି ଠିକ୍ ସମୟରେ ଏହି ସମସ୍ୟା ଉପରେ ଧ୍ୟାନ ଦିଆଯିବ ନାହିଁ, ତେବେ ତାହାର ଦୂରଗାମୀ ପ୍ରଭାବ ଭୟାବହ ହେବ। ଯୁବକ ଯୁବତୀଙ୍କ ମନରେ ବିରକ୍ତି ବଢ଼ିବ, ଅପରାଧ ବୃଦ୍ଧି ପାଇପାରେ, ନୈତିକ ମୂଲ୍ୟ ଅବମୂଲ୍ୟାୟନ ହେବ। ସରକାର ଓ ନୀତି ନିର୍ଦ୍ଧାରକମାନେ ତୁରନ୍ତ ଉଦ୍ୟମ ନେବା ଆବଶ୍ୟକ। ନୂତନ କ୍ଷେତ୍ରରେ ଚାକିରି ସୃଷ୍ଟି, ଉଦ୍ୟମୀତାକୁ ପ୍ରୋତ୍ସାହନ, ଶିଳ୍ପ ଓ ବିକାଶ କାର୍ଯ୍ୟକ୍ରମ ଆବଶ୍ୟକ। ରାଜ୍ୟ ମଧ୍ୟରେ ସ୍ଥାନୀୟ ଉଦ୍ୟୋଗକୁ ବୃଦ୍ଧି କରିବା, ନୂତନ ନିବେଶକଙ୍କୁ ଆଣିବା ଓ ଯୁବକ ଯୁବତୀମାନେ ସ୍ୱଳ୍ପ ବ୍ୟୟରେ କୌଶଳ ଶିଖି ପାରିବା ଭଳି ପଦକ୍ଷେପ ନେବା ଆବଶ୍ୟକ। ବେକାରି କେବଳ ଏକ ସମସ୍ୟା ନୁହଁ। ଏହା ହେଉଛି ନଷ୍ଟ ହେଉଥିବା ସମ୍ଭାବନା, ଭାଙ୍ଗିଯାଉଥିବା ପରିବାର ଓ ଏକ ରାଜ୍ୟର ସ୍ୱପ୍ନ ଉପରେ ଦାଗ। ଓଡ଼ିଶାର ଲୋକମାନେ ଏହି ଅବସ୍ଥାରୁ ମୁକ୍ତି ଚାହୁଁଛନ୍ତି। ଏହି ଦିଗରେ ତୁରନ୍ତ କାର୍ଯ୍ୟ କଲେ ଓଡ଼ିଶା ଆଗକୁ ବଢ଼ିପାରିବ। ଏହି ବିଷୟ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଅତ୍ୟନ୍ତ ଜରୁରୀ।

# ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ :ଏକ ବିରଳ ବ୍ୟକ୍ତିତ୍ୱ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ – ୯୯୩୭୧୫୧୦୫୨

ବିଂଶ ଶତାବ୍ଦୀ ଦ୍ୱିତୀୟ ଦଶକର ଶେଷ ଭାଗ ୧୯୧୮ମସିହା ନଭେମ୍ବର ୧୭ତାରିଖ ଥିଲା ସମସ୍ତ ଉତ୍କଳୀୟଙ୍କ ପାଇଁ ଏକ ଶୁଭମୁହୂର୍ତ୍ତର ଦିନ। ଏହିଦିନ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ସୁକିଦା ଗ୍ରାମ ଜଣେ ଯୋଗଜନ୍ମାଙ୍କୁ ଜନ୍ମଦେଇ ଚଳଚଞ୍ଚଳ ହୋଇଉଠିଥିଲା। କିଏ ଜାଣିଥିଲା ପିତା ହାଡିବନ୍ଧୁ ଦାଶ ଓ ମାତା ବିମଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ନେଇଥିବା ଏହି ସାଧାରଣ ଶିଶୁଟି ପରେ ଅସାଧାରଣ ପ୍ରତିଭାର ଅଧିକାରୀ ହେବା ସହିତ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିପାରିବ! ସେ ହେଉଛନ୍ତି ପ୍ରଜ୍ଞାପୁରୁଷ ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ।

ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ଶ୍ରୀରାମ ଦାଶ । ସେ ଥିଲେ ଏକାଧାରରେ କାଳଜୟୀ ଅଧ୍ୟାପକ, ଦକ୍ଷସଂଗଠକ, ସୁସାହିତ୍ୟିକ, ବିଶିଷ୍ଟ ସ୍ତମ୍ଭକାର ଓ ସୁନାମଧନ୍ୟ ଅଧିବକ୍ତା। ଅଧ୍ୟାପନା ଓ ଗବେଷଣା କ୍ଷେତ୍ରରେ ଥିଲା ତାଙ୍କର ଯେତିକି ରୁଚି, ସୃଜନଶୀଳତା ଓ ସାଂଗଠନିକ କ୍ଷେତ୍ରରେ ଥିଲା ସେତିକି ଅନୁରକ୍ତି । ଆଧୁନିକ ଓଡିଶାର ବିଭିନ୍ନ କ୍ଷେତ୍ରରେ ସେ ଛାଡି ଯାଇଛନ୍ତି ନିଜର ଅଲିଭା ସ୍ୱାକ୍ଷର । ପ୍ରକୃତରେ କହିବାକୁ ଗଲେ ଆଜିର ଓଡିଶାରେ ଯେଉଁମାନେ ରାଜନୀତିଜ୍ଞ, ପ୍ରଶାସକ, ଶିକ୍ଷାବିତ୍, କବି ଲେଖକ, ପ୍ରାବନ୍ଧିକ , ସ୍ତମ୍ଭକାର, ବୁଦ୍ଧିଜୀବୀ ଓ ସାମ୍ବାଦିକ ଭାବେ ପ୍ରତିଷ୍ଠିତ ହୋଇପାରିଛନ୍ତି, ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଡକ୍ଟର ଶ୍ରୀରାମ ଦାଶଙ୍କ ଛାତ୍ର । ଜ୍ଞାନର ଅସରନ୍ତି ଭଣ୍ଡାର ଥିଲେ ସେ, ଯେଉଁଥିପାଇଁ ସେତେବେଳେ ଡଃ ଦାଶ କହିଲେ କେବଳ ତାଙ୍କୁ ହିଁ ବୁଝାଉଥିଲା। ସବୁଠାରୁ ବଡକଥାହେଲା ସେ ସର୍ବଦା ଅପ୍ରିୟ ସତକଥା କହୁଥିଲେ ଏବଂ ସେଥିପାଇଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ମଧ୍ୟ ସେ କେବେ କାହା ସହିତ ସାଲିସ୍ କରିନଥିଲେ । ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

୧୯୨୫ ମସିହାରେ ଓଚିନ୍ଦା ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ ଶ୍ରୀରାମ । ପରେ ୧୯୨୮ ରୁ ୧୯୩୧ ବାଲିକୁଦା ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ମଧ୍ୟ ଇଂରାଜୀ ଶିକ୍ଷା ଓ ୧୯୩୨ ରୁ ୧୯୩୬ରେ ରେଭେନ୍ସା କଲିଜିଏଟ୍ ସ୍କୁଲରୁ ମାଧ୍ୟମିକ ଶିକ୍ଷା ଶେଷ କରିଥିଲେ ସେ । ଏହି ସମୟରେ ଶ୍ରୀରାମ ନିଜର ପ୍ରତିଭାର ପ୍ରମାଣ ଦେଇଥିଲେ । ସେଥିପାଇଁ ସେଦିନ ସମାଜ ପୃଷ୍ଠାରେ ସ୍ୱତନ୍ତ୍ର ସମ୍ବାଦ ପ୍ରକାଶିତ ହୋଇଥିଲା । ତାହାର ଶୀର୍ଷକ ଥିଲା – 'ପ୍ରବେଶିକା ପରୀକ୍ଷାରେ ଓଡିଆ ଛାତ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ' । ଏହି ଫଳାଫଳ ଅପ୍ରତ୍ୟାଶିତ ନଥିଲା – ଏହା ଥିଲା ତାଙ୍କ ଅସାଧାରଣ ମେଧା ଓ ଅତନ୍ଦ୍ର ସାଧନାର ସ୍ୱୀକୃତି । ପରେ ସେ ଆଉ ପଛକୁ ଫେରିନଥିଲେ। ତାପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ଏହାପରେ ସେ ୧୯୩୬ ରୁ ୧୯୪୦ ରେଭେନ୍ସା କଲେଜରୁ ସ୍ନାତକ ଶିକ୍ଷା ଓ ୧୯୪୦ ରୁ ୧୯୪୨ ପାଟନା ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା କୃତିତ୍ୱର ସହ ଶେଷ କରିଥିଲେ । ଏହାପରେ ୧୯୫୩ ମସିହା ସେପ୍ଟେମ୍ବର ୨୨ ତାରିଖରୁ ୧୯୫୫ ଜାନୁୟାରୀ ୨୬ ତାରିଖ ପର୍ଯ୍ୟନ୍ତ ଡକ୍ଟରେଟ୍ ଉପାଧି ପାଇଁ ସେ ବର୍ଲିନ୍ ଯାତ୍ରା କରିଥିଲେ ଓ ସେଠାରେ ମାତ୍ର ୧୬ ମାସ ଭିତରେ ଦୁଇବର୍ଷର ଗବେଷଣା କାର୍ଯ୍ୟ ଶେଷ କରି ନିଜର ଅଗାଧ ପାଣ୍ଡିତ୍ୟର ପ୍ରମାଣ ଦେଇଥିଲେ।

୧୯୪୮ ମସିହାରେ ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଆଇ.ଏ.ଏସ୍ ଓ ଆଇ.ପି.ଏସ୍ ଚାକିରି ସୃଷ୍ଟି କଲେ। ପ୍ରଥମେ ବିଭିନ୍ନ ବିଭାଗରୁ ଲୋକଙ୍କୁ ବାଛି ଆଇ.ଏ.ଏସ୍‌ରେ ନିଯୁକ୍ତି ଦିଆଗଲା । ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳ ଭାରତର ବିଭିନ୍ନ ସ୍ଥାନକୁ ଯାଇ ପ୍ରାର୍ଥୀ ବାଛିଲେ । ପ୍ରଥମ ଦଳ ୧୯୪୮ରେ ବଛା ହୋଇ ତାଲିମ୍ ପାଇଁ ପଠାଗଲେ। ଶ୍ରୀରାମ ଚନ୍ଦ୍ର ଦାଶ ପ୍ରଥମ ଦଳରେ ବଛା ହୋଇଥିଲେ ଓ ତାଙ୍କୁ ନିଯୁକ୍ତି ପତ୍ର ମିଳିଥିଲା । ସେହି ଅନୁସାରେ ତାଙ୍କୁ ୧୯୪୯ ଜାନୁଆରୀ ୧୫ ତାରିଖ ସୁଦ୍ଧା ଦିଲ୍ଲୀର ତାଲିମ୍ କେନ୍ଦ୍ରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଥିଲା; ମାତ୍ର ଷଡଯନ୍ତ୍ରର ଶୀକାର ହେଲେ ଶ୍ରୀରାମ ଚନ୍ଦ୍ର ଦାଶ। ଗୁଇନ୍ଦା ବିଭାଗ ତରଫରୁ କେନ୍ଦ୍ର ସରକାରଙ୍କୁ ଗୁପ୍ତ ରିପୋର୍ଟରେ ଜଣାଇ ଦିଆଗଲା ଯେ ଶ୍ରୀରାମ ଦାଶ ଜଣେ କମ୍ୟୁନିଷ୍ଟ ଓ ତାଙ୍କୁ ଆଇ.ଏ.ଏସ୍ ରେ ନେଲେ ରାଷ୍ଟ୍ରର ନିରାପତ୍ତା ବିପନ୍ନ ହେବ । ଫଳରେ ତାଙ୍କର ନିଯୁକ୍ତି ପତ୍ର ରଦ୍ଦ ହେଲା ।

ତଥାପି ଏଥିରେ ଦବି ନଯାଇ ଅଧ୍ୟାପନାକୁ ଆପଣେଇ ନେଇଥିଲେ ସେ । ଯଥାର୍ଥରେ ସେ ଥିଲେ ସରସ୍ୱତୀଙ୍କର ବରପୁତ୍ର । ଅର୍ଥନୀତି ବିଭାଗର ଅଧ୍ୟାପକ ରୂପେ ସେ ନିଜର କର୍ମମୟ ଜୀବନ ଆରମ୍ଭ କରି ବେଶ୍ ସଫଳ ହୋଇଥିଲେ । ଜଣେ ପ୍ରବୀଣ ଅଧ୍ୟାପକ ଭାବେ ରାଜ୍ୟରେ ଓ ଜାତୀୟ ସ୍ତରରେ ତାଙ୍କର ଯଥେଷ୍ଟ ସୁନାମ ଥିଲା । ତାଙ୍କ ଉଦ୍ୟମରେ ୧୯୫୮ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଏକ ସ୍ୱତନ୍ତ୍ର ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇ ଅଧ୍ୟାପନା ଆରମ୍ଭ ହେଲା । ୧୯୬୩ ମସିହା ଜୁଲାଇ ୧୭ ତାରିଖରୁ ୧୯୭୫ ମସିହା ଡିସେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ସେ ରାଜନୀତି ବିଜ୍ଞାନର ଅଧ୍ୟାପକ ଓ ବିଭାଗୀୟ ମୁଖ୍ୟ ରୂପେ କାର୍ଯ୍ୟକରି ଅନେକ ଯଶ ଓ ଖ୍ୟାତିର ଅଧିକାରୀ ହୋଇପାରିଥିଲେ। ଭାଗ୍ୟର ବିଡମ୍ବନା ଯେ ୧୯୭୫ ମସିହା ଡିସେମ୍ବର ୨୩ ତାରିଖରେ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା ।

ଅବସର ଗ୍ରହଣ ପରେ ଚୁପ୍ ହୋଇ ବସି ରହିନଥିଲେ ଡକ୍ଟର ଦାଶ । ଭବିଷ୍ୟତ ବିପଦକୁ ସାମ୍ନାରେ ଦେଖିପାରୁଥିଲେ ସେ । ତେଣୁ ୧୯୬୦ରେ ଆଇନ୍‌ର ପ୍ରଥମ ଭାଗ ଓ ୧୯୬୧ରେ ଆଇନ୍‌ର ଦ୍ୱିତୀୟ ଭାଗ ପରୀକ୍ଷାରେ ଘରୋଇ ଭାବେ ପରୀକ୍ଷା ଦେଇ ପ୍ରଥମ ଶ୍ରେଣୀରେ ଏକମାତ୍ର ଛାତ୍ର ଭାବେ ଏଲ୍.ଏଲ୍.ବି ଡିଗ୍ରୀ ଅର୍ଜନ କରିଥିଲେ । ଏହି ଉପାଧିର ସଦୁପଯୋଗ କରି ୧୯୭୭ ମେ ମାସ ୧୩ ତାରିଖରୁ ସେ ଓକିଲାତି ଆରମ୍ଭ କଲେ । ଅଧ୍ୟାପକ ଥିଲାବେଳେ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ସଫଳତା ତାଙ୍କୁ ଯେତିକି ଆନନ୍ଦ ଦେଇଥିଲା, ଓକିଲାତିରେ ମଧ୍ୟ ମୋକଦ୍ଦମାରେ ବିଜୟ ହାସଲ କରି କାହା ମୁହଁରେ ହସ ଫୁଟାଇଲେ, ତାହା ତାଙ୍କୁ ସେତିକି ଆନନ୍ଦିତ କରୁଥିଲା । କେବଳ ସେତିକି ନୁହେଁ ନିଖିଳ ଉତ୍କଳ ରାଜନୀତି ବିଜ୍ଞାନ ମୁଖପତ୍ରର ଉପସଭାପତି ଓ ସଭାପତି ଭାବେ କାର୍ଯ୍ୟକରି ସେ ନିଜର ସାଂଗଠନିକ ଦକ୍ଷତା ଓ କାର୍ଯ୍ୟ କୁଶଳତାର ପ୍ରମାଣ ଦେଇଥିଲେ । ଏଥି ସହିତ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍ ଓ ପାଠ୍ୟ ସଂସଦର ସଭ୍ୟଭାବେ କାର୍ଯ୍ୟ କରି ଶ୍ରୀରାମ ଚନ୍ଦ୍ର ଦାଶ ଉଚ୍ଚ ପ୍ରଶଂସିତ ମଧ୍ୟ ହୋଇଥିଲେ ।

କେବଳ ଅଧ୍ୟାପନା ବା ଗବେଷଣା ନୁହେଁ, ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ଡକ୍ଟର ଦାଶଙ୍କର ଗଭୀର ପ୍ରବେଶ ଓ ଅନୁରାଗ ଥିଲା। ସେ ପ୍ରାୟ ୨୫ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ରଚନା କରିଛନ୍ତି । ଜଣେ ଲବ୍ଧପ୍ରତିଷ୍ଠ ସ୍ତମ୍ଭକାର ହିସାବରେ ତାଙ୍କର ନିଆରା ପରିଚୟ ଥିଲା। ବିଭିନ୍ନ ପତ୍ର ପତ୍ରିକାରେ ତାଙ୍କ ଲିଖିତ ନିବନ୍ଧ ଯଥେଷ୍ଟ ପାଠକୀୟ ସ୍ୱୀକୃତି ଲାଭ କରିପାରିଥିଲା । ଉଭୟ ଅର୍ଥନୀତି ଓ ରାଜନୀତି ବିଜ୍ଞାନରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା ଯାହା ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିବେ। 'ଭାରତର ସମ୍ବିଧାନ' 'ଉତ୍କଳମଣି ଗୋପବନ୍ଧୁ ଦାସ' ଓ 'ମୋ ଅକୁହା କାହାଣୀ' ପ୍ରଭୃତି ତାଙ୍କର ଉଲ୍ଲେଖନୀୟ କୃତି । ଏଥି ସହିତ ତାଙ୍କ ରଚିତ ପୁସ୍ତକ 'ୟୁରୋପରେ ମୋ ଅନୁଭୂତି' ପୁସ୍ତକ ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ।

ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶଙ୍କ ଦେହାବସାନ ଘଟିଲା ୧୯୯୪ମସିହା ଅଗଷ୍ଟ ୧୦ତାରିଖରେ । ହେଲେ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ସବୁଦିନପାଇଁ। ତାଙ୍କର ଜନ୍ମଜାତକ ତିଆରି କରିଥିବା ଜ୍ୟୋତିଷ ଭବିଷ୍ୟତବାଣୀ କରିଥିଲେ ''ପିଲାଟି ଜୀବନରେ ବହୁତ ନାଁ କମେଇବ । ସବୁ ବେଳେ ତା ସାଙ୍ଗରେ ଶତ୍ରୁମାନେ ଲାଗିରହିବେ, ତାକୁ ଉପରକୁ ଉଠାଇ ଦେବେ ନାହିଁ। ସେ ଉପରକୁ ଉଠିବା ମାତ୍ରେ ତା ଗୋଡକୁ ଟାଣୁଥିବେ।" ଏହି ଭବିଷ୍ୟତ ବାଣୀ ଅକ୍ଷରେ ଅକ୍ଷରେ ସତ ହୋଇଥିଲା। ଅତୀତର ଇତିହାସରେ ଲୁଚିଯିବାକୁ ବସିଥିବା ଏହି ପ୍ରତିଭାଧରଙ୍କ ୩୧ତମ ଶ୍ରାଦ୍ଧଦିବସ ଉପଲକ୍ଷେ ସାରସ୍ୱତ ପରିଷଦ ପକ୍ଷରୁ ତାଙ୍କୁ କୋଟି ପ୍ରଣାମ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଏସିଆ କପ୍ କ୍ରିକେଟ୍ : କେକେଆରରୁ ଚୟନ ହୋଇପାରନ୍ତି ୪ ଖେଳାଳି

**ନୂଆଦିଲ୍ଲୀ**

ସେପ୍ଟେମ୍ବର ୯ରୁ ଆରମ୍ଭ ହେବାକୁ ଯାଉଛି ଏସିଆ କପ୍ କ୍ରିକେଟ। ୟୁଏଇରେ ଖେଳାଯିବାକୁ ଥିବା ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ଉପରେ ସମସ୍ତଙ୍କ ନଜର। ସେପ୍ଟେମ୍ବର ୧୪ରେ ଖେଳାଯିବ ଏହି ମ୍ୟାଚ୍। ତେବେ ଟିମ୍ ଇଣ୍ଡିଆ ତା'ର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୧୦ରେ ୟୁଏଇ ବିପକ୍ଷରେ ଖେଳିବ। ସବୁଠୁ ରୋଚକପୂର୍ଣ୍ଣ କଥା ହେଲା ଉଭୟ ଭାରତ ଓ ପାକିସ୍ତାନ ଉନ୍ନତ ଖେଳ ପ୍ରଦର୍ଶନ କରନ୍ତି ତେବେ ସେପ୍ଟେମ୍ବର ୨୧ରେ ଉଭୟ ସୁପର ଫୋରରେ ମୁହାଁମୁହିଁ ହୋଇପାରନ୍ତି।

ତେବେ ଏସିଆ କପ୍ ଆଗକୁ ଥିବା ବିଶ୍ୱ ସ୍ତରୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବଡ଼ ସୁଯୋଗ ସୃଷ୍ଟି କରିବ। ଅଗଷ୍ଟ ତୃତୀୟ ସପ୍ତାହରେ ଟିମ୍ ଇଣ୍ଡିଆ ସ୍କ୍ୱାଡ୍ ଘୋଷଣା କରିବ ମନୋନୟନ ଟିମ୍। ବିଶେଷକରି ଆଇପିଏଲର କେକେଆର ଟିମ୍‌ରୁ ୩ରୁ ୪ ଜଣ ସିଲେକ୍ସନ ହୋଇପାରନ୍ତି। ଶେଷ ଆଇପିଏଲ ସିଜିନ୍ ରେ କୋଲକାତା ନାଇଟ ରାଇଡର୍ସ ଟାଇଟଲ ହାସଲ କରିଥିବା ବେଳେ ବହୁତ ଯୁବ ତଥା ଷ୍ଟାର ଖେଳାଳି ଅଛନ୍ତି। ଯେମିତିକି ରିଙ୍କୁ ସିଂ, ରମଣଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ହରସିତ ରାଣାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ପରବର୍ତ୍ତୀ ଟି-୨୦ ୱାର୍ଲ୍ଡ କପ୍ ପାଇଁ ଏସିଆ କପ୍ ରେ ଖେଳାଳିମାନେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବା ସହ ବଡ଼ ସୁଯୋଗ ଆଣିଦେବ ବୋଲି କ୍ରୀଡ଼ା ବିଶେଷଜ୍ଞ ମତ ଦେଉଛନ୍ତି।

# ଓଡ଼ିଶା କ୍ରୀଡ଼ାରେ ଯୋଡ଼ି ହେଲା ନୂଆ ଅଧ୍ୟାୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ଓଡ଼ିଶା କ୍ରୀଡ଼ାରେ ଯୋଡ଼ି ହୋଇଛି ନୂଆ ଅଧ୍ୟାୟ। ଏକାଧିକ ବିଶ୍ୱସ୍ତରୀୟ ପ୍ରତିଯୋଗିତା ଆୟୋଜନ କରିଥିବା ଓଡ଼ିଶାରେ ସଫଳତାର ସହ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜିତ ହୋଇଛି। ଭାରତରେ ପ୍ରଥମ ଥର ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ହୋଇଛି ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ପ୍ରତିଯୋଗିତା। ଏହି ଦିନିକିଆ ପ୍ରତିଯୋଗିତା ଆୟୋଜନ ସହ ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ୨୦୧୭ରେ କଳିଙ୍ଗ ଷ୍ଟାଡିୟମ୍‌ରେ ଏସୀୟ ଦୌଡ଼କୁଦ ଚାମ୍ପିଆନସିପ୍ ଆୟୋଜିତ ହୋଇଥିଲା। ଏଥର ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଆୟୋଜନ କରିବାରେ ସଫଳ ହୋଇଛି ଓଡ଼ିଶା। ଏହି କ୍ରୀଡ଼ା ପ୍ରତିଯୋଗିତାର ସଫଳ ଆୟୋଜନ ଓଡ଼ିଶା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ବିଶ୍ୱ ଆଥ୍‌ଲେଟିକ୍ସ, ଭାରତୀୟ ଦୌଡ଼କୁଦ ସଂଘ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଉକ୍ତ ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ୧୭ଟି ଦେଶରୁ ୧୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ପୁରୁଷ ବର୍ଗ ୧୦୦, ୨୦୦, ୪୦୦, ୮୦୦ ଓ ୫୦୦୦ ମିଟର ଦୌଡ଼, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ ଓ ୪ ଗୁଣା ୪୦୦ ମିଟର ରିଲେରେ ଆୟୋଜିତ ହୋଇଥିଲା। ମହିଳା ବର୍ଗରେ ୧୦୦, ୨୦୦, ୪୦୦, ୮୦୦ ଓ ୧୫୦୦ ମିଟର ଦୌଡ଼, ୧୦୦ ମିଟର ବାଧାଦୌଡ଼, ଲଙ୍ଗଜମ୍ପ, ଜାଭେଲିନ ଥ୍ରୋ, ୪ଗୁଣା ୪୦୦ ମିଟର ରିଲେ, ମିଶ୍ରିତ ୪ଗୁଣା ୪୦୦ ମିଟର ରିଲେରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ପ୍ରଥମ ପର୍ଯ୍ୟାୟରେ ସକାଳ ୭.୪୦ରୁ ୮.୫୫ ମିନିଟ୍ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତା ଶେଷ ହେବା ପରେ ଆତସବାଜି ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ ହୋଇଥିଲା।

# ଜାତୀୟ ଜୁନିୟର ମହିଳା ହକି ଫାଇନାଲରେ ହରିୟାଣା-ଝାଡ଼ଖଣ୍ଡ




**କାକିନାଡ଼ା।**

ହକି ହରିୟାଣା ଓ ହକି ଝାଡ଼ଖଣ୍ଡ ଉଭୟେ ସମାନ ୩-୦ ଗୋଲ୍‌ରେ ବିଜୟ ହାସଲ କରି ଜାତୀୟ ଜୁନିୟର ମହିଳା ହକି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଛତିଶଗଡ଼ ହକି ବିପକ୍ଷ ପ୍ରଥମ ସେମିଫାଇନାଲରେ ଅଧିନାୟକ ଶଶି କାଶା (୮ମ ମିନିଟ)ଏକ ଗୋଲ୍ ସ୍କୋର କରି ହରିୟାଣାକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ସୁପ୍ରିୟା (୪୫ତମ ଓ ୪୭ତମ) କ୍ରମାଗତ ଦୁଇଟି ଗୋଲ ସ୍କୋର କରି ସେମାନଙ୍କ ଦଳକୁ ୩-୦ ଗୋଲରେ ବିଜୟୀ କରାଇଥିଲେ।

ଦ୍ୱିତୀୟ ସେମିଫାଇନାଲରେ ସ୍ୱିଟି ଡୁଙ୍ଗ୍ ଡୁଙ୍ଗ୍ (୧୩ତମ), ରୀନା କୁଲୁ (୫୬ତମ) ଓ ଅଧିନାୟିକା ରଜ୍‌ନୀ କେରକେଟା (୫୯ତମ)ଙ୍କ ଗୋଲ ସହାୟତାରେ ଉତ୍ତର ପ୍ରଦେଶକୁ ୩-୦ରେ ହରାଇ ଦେଇଥିଲା ଝାଡ଼ଖଣ୍ଡ।

# ପ୍ରଥମ ଓଡ଼ିଆ ଭାବେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ) ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଲେ ପ୍ରଜ୍ଞା ଓ ଅନିମେଷ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ମହିଳା ହର୍ଡଲର ପ୍ରଜ୍ଞା ପ୍ରଶାନ୍ତି ସାହୁ ଇତିହାସ ରଚିଛନ୍ତି। ପ୍ରଥମ ଓଡ଼ିଆ ଭାବେ ବିଶ୍ୱ ଦୌଡ଼କୁଦ କଣ୍ଟିନେଣ୍ଟାଲ ଟୁର (ବ୍ରୋଞ୍ଜ) ସ୍ତରୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ପ୍ରଜ୍ଞା ପ୍ରଶାନ୍ତି ମହିଳା ୧୦୦ ମିଟର ବାଧା-ଧୌଡ଼ରେ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପ୍ରଜ୍ଞା ୧୩.୭୪ ସେକେଣ୍ଡରେ ଫିନିସ୍ ଲାଇନ୍ ଅତିକ୍ରମ କରି ପ୍ରଥମ ସ୍ଥାନରେ ରହି ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାମିଲନାଡୁର ନନ୍ଦିନୀ କଙ୍ଗନ ୧୩.୮୦ ସେକେଣ୍ଡ ସହ ରୌପ୍ୟ ଓ ଅଞ୍ଜଳି ସି ୧୪.୦୦ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୨୦୦ ମିଟର ଦୌଡ଼ରେ ଓଡ଼ିଶାର ଅନିମେଷ କୁଜୁର ୨୦.୭୭ ସେକେଣ୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନିମେଷ ହିଟ୍‌ସରେ ଭଲ ଟାଇମିଂ ହାସଲ କରି ପାରି ନ ଥିବାବେଳେ ଫାଇନାଲରେ ଉନ୍ନତ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଦକ୍ଷିଣ କୋରିଆର କୋ ସୁଙ୍ଗ ୱାନ ୨୦.୯୫ ସେକେଣ୍ଡ ସହ ରୌପ୍ୟ ଓ ତାମିଲନାଡୁର ଜି ରାଗୁଲ କୁମାର ୨୧.୧୭ ସେକେଣ୍ଡରେ ଅତିକ୍ରମ କରି କାଂସ୍ୟ ପଦକ ଜିତିଛନ୍ତି। ମହିଳା ୪୦୦ମିଟର ଦୌଡ଼ରେ କର୍ଣ୍ଣାଟକର ଜି.କେ ବିଜୟ କୁମାର ୫୩.୪୦ ସେକେଣ୍ଡ ସହ ସ୍ୱର୍ଣ୍ଣ, ଗୁଜରାଟର ଦିବ୍ୟାନିବା ମହେନ୍ଦ୍ର ୫୩.୮୭ ସେକେଣ୍ଡ ସହ ରୌପ୍ୟ ଗ୍ରେଟ୍ ବ୍ରିଟେନର ଲୁଇସ୍ ଇଭିନ ୫୪.୨୮ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୪୦୦ ମିଟର ଦୌଡ଼ରେ ଭାରତର ନୋଏଜ ତ୍ରିଭେନ୍ଦ୍ରମ ୪୫.୭୨ ସେକେଣ୍ଡ ସହ ସ୍ୱର୍ଣ୍ଣ, ଅମନ ଜାକବ୍ ୪୫.୮୬ ସେକେଣ୍ଡ ସହ ରୌପ୍ୟ ଓ ଟି. ସନ୍ତୋଷ କୁମାର ୪୬.୮୯ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି।

ପୁରୁଷ ୧୦୦ ମିଟର ଦୌଡ଼ରେ ମାଲେସିଆର ମହମ୍ମଦ ଅଜିମ ବିନ ୧୦.୩୫ ସେକେଣ୍ଡ ସହ ସ୍ୱର୍ଣ୍ଣ, ଶ୍ରୀଲଙ୍କାର ଚାମୋଦ ଏମ୍ ୱାଧାସିଙ୍ଘେ ୧୦.୪୩ ସେକେଣ୍ଡ ସହ ରୌପ୍ୟ ଓ ମାଲେସିଆର ଦିନେଶ ଇଫତିକାର ମୁହା ୧୦.୫୦ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ଏଥିରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ୧୦.୫୪ ସେକେଣ୍ଡ ସହ ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ମହିଳା ଜାଭେଲିନ ଥ୍ରୋର ଭାରତର ଉତ୍ତରପ୍ରଦେଶରୁ ଅନୁ ରାଣୀ ୬୨.୦୧ ମିଟର ଦୂରତ୍ୱକୁ ଥ୍ରୋ କରି ପ୍ରଥମ ସ୍ଥାନ ସହ ସ୍ୱର୍ଣ୍ଣ, ଶ୍ରୀଲଙ୍କାର ଏନ.ଡିଏଲ ହାତାରାବାଗଲାଙ୍କା ୫୬.୨୭ ମିଟର ସହ ରୌପ୍ୟ ଓ ଭାରତର ହରିୟାଣାର କରିସ୍ମା ଏସ ସାନିଲ ୫୪.୨୦ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୧୦୦ ମିଟର ଦୌଡ଼ ଫାଇନାଲରେ ଭାରତର ଅବିନ୍ୟା ରାଜାରାଜନ ୧୧.୫୭ ସେକେଣ୍ଡ ସହ ସ୍ୱର୍ଣ୍ଣ, କର୍ଣ୍ଣାଟକର ଏସ ଏସ୍ ସ୍ନେହା ୧୧.୭୦ କେକେଣ୍ଡ ସହ ରୌପ୍ୟ ଓ ତେଲେଙ୍ଗାନାର ନିତ୍ୟା ଗାନ୍ଧି ୧୧.୭୦ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଆ ଧାବିକା ଶ୍ରାବଣୀ ନନ୍ଦ ୧୧.୮୬ ସେକେଣ୍ଡ ସହ ୫ମ ସ୍ଥାନରେ ରହିଥିଲେ। ପୁରୁଷ ୮୦୦ ମିଟର ଦୌଡ଼ରେ ଭାରତର ମହମ୍ମଦ ଆସଫଲ ୧ ମିନିଟ୍ ୪୬.୭୦ ସେକେଣ୍ଡ ସହ ସ୍ୱର୍ଣ୍ଣ, ମହାରାଷ୍ଟ୍ରର ପ୍ରକାଶ ଗାନ୍ଧି ୧ ମିନିଟ୍ ୪୭.୧୪ ସେକେଣ୍ଡ ସହ ରୌପ୍ୟ ଓ ହରିୟାଣାର କିଷନ କୁମାର ୧ ମିନିଟ୍ ୪୮.୦୦ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୮୦୦ ମିଟର ଦୌଡ଼ରେ ପଞ୍ଜାବର ଅମନଦୀପ କୌର ୨ ମିନିଟ୍ ୦୪.୩୧ ସେକେଣ୍ଡ ସହ ସ୍ୱର୍ଣ୍ଣ, ହୁଦରାମ ଭୁମିଶ୍ୱର ୨ ମିନିଟ୍ ୦୬.୯୬ ଦ୍ୱିତୀୟ ସ୍ଥାନ ସହ ରୌପ୍ୟ ଓ ଛତିଶଗଡ଼ର ତୋଥା ସଂକୀର୍ତ୍ତନ ୨ ମିନିଟ୍ ୦.୭.୧୭ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ଲଙ୍ଗଜମ୍ପରେ ଉତ୍ତରପ୍ରଦେଶର ସାହିଲ ସିଂହ ୬.୨୮ ମିଟର ସହ ସ୍ୱର୍ଣ୍ଣ, ଭାରତୀୟ ରେଲୱେର ଭବାନୀ ଯାଦବ ଭାର୍ଗବ ୬.୧୩ ସେକେଣ୍ଡ ସହ ରୌପ୍ୟ ଓ ଜେଏମ୍‌ଡବ୍ଲ୍ୟୁର ସନ୍ଦ୍ରା ବାବୁ ୬.୧୦ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଲଙ୍ଗଜମ୍ପରେ ଭାରତର ମୂରଲୀ ଶ୍ରୀଶଙ୍କର ୮.୧୩ ମିଟର ସହ ସ୍ୱର୍ଣ୍ଣ, ଉତ୍ତରପ୍ରଦେଶର ସାହାନବାଜ ଖାଁ ୮.୦୪ ମିଟର ସହ ରୌପ୍ୟ ଓ କର୍ଣ୍ଣାଟକର ଲୋକେଶ ସତ୍ୟନାଥନ ୭.୮୫ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଟ୍ରପ୍‌ଲ ଜମ୍ପରେ ଭାରତର ଅବଦୁଲ ଆବୁବେକର ଭାରତର ୧୬.୫୩ ମିଟର ସହ ସ୍ୱର୍ଣ୍ଣ, କାର୍ତ୍ତିକ ଉନ୍ନିକୃଷ୍ଣନ ୧୬.୪୨ ମିଟର ସହ ରୌପ୍ୟ ଓ ଡି ଗାଲି ଭାନିଷ୍ଟର ୧୬.୨୬ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୧୫୦୦ ମିଟର ଦୌଡ଼ରେ ହରିୟାଣାର ପୂଜା ୪ ମିନିଟ୍ ୧୫.୧୩ ସେକେଣ୍ଡ ସହ ସ୍ୱର୍ଣ୍ଣ, ଉତ୍ତରାଖଣ୍ଡର ଲିଲି ଦାସ ୪ ମିନିଟ୍ ୧୭.୬୬ ସେକେଣ୍ଡ ସହ ରୌପ୍ୟ ଓ ପଞ୍ଜାବର ଅମନଦୀଦ କୌର ୪ ମିନିଟ୍ ୨୭.୧୪ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ଜାଭେଲିନ ଥ୍ରୋ ରେ ଶ୍ରୀଲଙ୍କାର ରମେଶ ତରଙ୍ଗା ପାଟ୍ ? ୮୬.୫୦ ମିଟର ଥ୍ରୋ କରି ସ୍ୱର୍ଣ୍ଣ, ଭାରତର ଶିଭମ ଲୋହାକାରେ ୮୦.୭୩ ମିଟର ସହ ରୌପ୍ୟ ଓ ଶ୍ରୀଲଙ୍କାର ସୁମିଧା ରଣସିଙ୍ଘେ ୮୦.୬୫ ମିଟର ସହ କାଂସ୍ୟ ପଦକ ଜିତିଛନ୍ତି। ମହିଳା ୨୦୦ ମିଟର ଦୌଡ଼ରେ ଭାରତର ଏମ୍ ଆଞ୍ଜେଲ ସିଲ୍‌ଭିୟା ୨୩.୯୫ ସେକେଣ୍ଡ ସହ ସ୍ୱର୍ଣ୍ଣ, ନିତ୍ୟା ଗାନ୍ଧି ୨୪.୧୧ ସେକେଣ୍ଡ ସହ ରୌପ୍ୟ ଓ କର୍ଣ୍ଣାଟକର ଉନ୍ନାତି ଆୟାପ୍ପା ୨୪.୫୬ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି। ପୁରୁଷ ୪ଗୁଣା ୪୦୦ ମିଟର ରିଲେରେ ଶ୍ରୀଲଙ୍କାକୁ ସ୍ୱର୍ଣ୍ଣ, ଭାରତକୁ ରୌପ୍ୟ ଓ ଇରାକକୁ କାଂସ୍ୟ ପଦକ ମିଳିଛି। ପୁରୁଷ ୫୦୦୦ ମିଟର ଦୌଡ଼ରେ ଜିବୁଟିର ୱାବେରି ଇଗ୍ୱେଏ ହୋସେନ୍ ୧୪ ମିନିଟ୍ ୦.୫.୩୬ ସେକେଣ୍ଡ ସହ ସ୍ୱର୍ଣ୍ଣ, ଭାରତର ଅଭିଷେକ ପାଲ୍ ୧୪ ମିନିଟ୍ ୧୦.୬୦ ସେକେଣ୍ଡ ସହ ରୌପ୍ୟ ଓ ସାୱନ ବାରୱାଲ ୧୪ ମିନିଟ୍ ୧୩.୪୧ ସେକେଣ୍ଡ ସହ କାଂସ୍ୟ ପଦକ ଜିତିଛନ୍ତି।

# ରୋହିତ, ବିରାଟଙ୍କ ଭବିଷ୍ୟତକୁ ନେଇ ବିସିସିଆଇ ଦେଲା ବଡ଼ ବୟାନ

**ନୂଆଦିଲ୍ଲୀ**

ଅଭିଜ୍ଞ ଭାରତୀୟ ଖେଳାଳି ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଓଡିଆଇ ଭବିଷ୍ୟତକୁ ନେଇ କଳ୍ପନାଜଳ୍ପନା ମଧ୍ୟରେ, ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) କୌଣସି ନିଷ୍ପତ୍ତି ନେବାକୁ ଶୀଘ୍ର ନୁହେଁ ଏବଂ ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଧ୍ୟାନ ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିବା ଏସିଆ କପ ଉପରେ ଅଛି। ଅଗଷ୍ଟରେ ପ୍ରସ୍ତାବିତ ବାଂଲାଦେଶ ଗସ୍ତ ବାତିଲ ହେବା ପରେ, ଭାରତର ପରବର୍ତ୍ତୀ ଓଡିଆଇ ମ୍ୟାଚ୍ ଅକ୍ଟୋବର ୧୯ ରୁ ୨୫ ମଧ୍ୟରେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ତିନି ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ହେବ। କୋହଲି ଏବଂ ରୋହିତଙ୍କ ଓଡିଆଇରେ ମିଳିତ ଭାବରେ ୮୩ ଶତକ ଏବଂ ୨୫,୦୦୦ରୁ ଅଧିକ ରନ ଅଛି। ଭାରତୀୟ କ୍ରିକେଟରେ ଆଲୋଚନା ହେଉଛି ଯେ ୨୦୨୭ ଅକ୍ଟୋବରରେ ହେବାକୁ ଥିବା ଓଡିଆଇ ବିଶ୍ୱକପ ସୁଦ୍ଧା, ରୋହିତ ୪୦ ଏବଂ କୋହଲି ୩୯ ବର୍ଷ ବୟସର ହୋଇଯିବେ।

ଭାରତୀୟ ଦଳର ଦୃଷ୍ଟିକୋଣରୁ, ପରବର୍ତ୍ତୀ ବଡ଼ ଟୁର୍ଣ୍ଣାମେଣ୍ଟ ହେଉଛି ଫେବୃଆରୀରେ ଟି-୨୦ ବିଶ୍ୱକପ ଏବଂ ଏହା ସହିତ ଜଡ଼ିତ ପ୍ରସ୍ତୁତି। ବର୍ତ୍ତମାନ ଏସିଆ କପ ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ ସର୍ବୋତ୍ତମ ଦଳ ପଠାଇବା ଉପରେ ଧ୍ୟାନ ଦିଆଯିବ, ଆଶା କରାଯାଉଛି ଯେ ସମସ୍ତ ଖେଳାଳି ଫିଟ୍ ଏବଂ ଉପଲବ୍ଧ ହେବେ। ବିସିସିଆଇ କେବେବି ତରବରିଆ ଭାବରେ ନିଷ୍ପତ୍ତି ନେଇନଥାଏ ଏବଂ ଦୁଇ ଖେଳାଳିଙ୍କ ବିଶାଳ ପ୍ରଶଂସକ ଆଧାରକୁ ବିଚାର କରି, କୌଣସି ସମ୍ବେଦନଶୀଳ ନିଷ୍ପତ୍ତି ନେବା ପୂର୍ବରୁ ସର୍ବଦା ଲୋକଙ୍କ ଭାବନାକୁ ପରୀକ୍ଷା କରିବାକୁ ଚେଷ୍ଟା କରେ।

ତଥାପି, ଇଣ୍ଡିଆନ ପ୍ରିମିୟର ଲିଗ୍ ପରେ ରୋହିତ ଏବଂ କୋହଲି କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। କୋହଲି ବର୍ତ୍ତମାନ ଲଣ୍ଡନରେ ରୁହନ୍ତି ଏବଂ ନିକଟରେ ତାଙ୍କ ଇନଷ୍ଟାଗ୍ରାମରେ ଏକ କାହାଣୀ ଶେୟାର କରିଛନ୍ତି ଯେଉଁଥିରେ ସେ ଏକ ଇନଡୋର ନେଟ୍ ସେସନରେ ଅଭ୍ୟାସ କରୁଥିବାର ଦେଖାଯାଇଛି। ଏହା ସୂଚାଇ ଦିଏ ଯେ ସେ ଅଭ୍ୟାସ ଆରମ୍ଭ କରିଛନ୍ତି।

ରୋହିତ ଶର୍ମା ଆଇପିଏଲ ପରେ ଛୁଟିରେ ଇଂଲଣ୍ଡରେ ଥିଲେ। ସେ ନିକଟରେ ମୁମ୍ବାଇ ଫେରିଛନ୍ତି। ଆଶା କରାଯାଉଛି ଯେ ସେ କିଛି ଦିନ ମଧ୍ୟରେ ଅଭ୍ୟାସ ମଧ୍ୟ ଆରମ୍ଭ କରିବେ।

କିଛି ଗଣମାଧ୍ୟମ ରିପୋର୍ଟରେ ଦାବି କରାଯାଇଛି ଯେ ବିସିସିଆଇ ଅକ୍ଟୋବର ୨୫ ତାରିଖରେ ସିଡ୍‌ନୀରେ ଏହି ଉଭୟ ଖେଳାଳିଙ୍କୁ ଏକ ବିଦାୟ କାଳୀନ ମ୍ୟାଚ୍ ଖେଳିବାକୁ ପ୍ରସ୍ତାବ ଦେଉଛି। ତଥାପି, ବିସିସିଆଇର ଜଣେ ଅନ୍ତର୍ନିହିତ ବ୍ୟକ୍ତି ଏହି ରିପୋର୍ଟଗୁଡ଼ିକୁ ଖଣ୍ଡନ କରିଛନ୍ତି ଏବଂ କହିଛନ୍ତି ଯେ ଏ ବିଷୟରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନାହିଁ।

# ଟାଟା ଷ୍ଟିଲ୍ ପକ୍ଷରୁ ଅନ୍ତର୍ଜାତୀୟ ଆଦିବାସୀ ଦିବସ ପାଳିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଟାଟା ଷ୍ଟିଲ କଳିଙ୍ଗନଗର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଗୋବରଘାଟିରେ ଥିବା ଟାଟା ଷ୍ଟିଲ ବୀର୍ସା ମୁଣ୍ଡା ପୁନର୍ବାସ କଲୋନୀରେ ୨୦୦୦ରୁ ଅଧିକ ସ୍ଥାନୀୟ ଆଦିବାସୀ ଲୋକଙ୍କ ସହିତ "ଆଦିବାସୀ ଜନଜାତି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଅଧିକାର ସୁରକ୍ଷା, ଭବିଷ୍ୟତ ଗଠନ" ଥିମ୍‌ରେ ଆନ୍ତର୍ଜାତୀୟ ଆଦିବାସୀ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମୁଦାୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଅଧିକାର ଏବଂ ଅବଦାନକୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା (ପ୍ରସିଦ୍ଧ ସାନ୍ତାଳୀ ଲେଖିକା, ଶିକ୍ଷାବିତ୍ ଓ ଶିକ୍ଷୟିତ୍ରୀ) ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗୁଞ୍ଜଲ ଇକିର ମୁଣ୍ଡା (ପ୍ରତିଷ୍ଠିତ ଶିକ୍ଷାବିତ୍, ସାଂସ୍କୃତିକ ପ୍ରଚାରକ ଓ ସୋସିଆଲ୍ ଇନ୍‌ଫ୍ଲୁଏନ୍ସ), କୃଷ୍ଣଚନ୍ଦ୍ର ବୋଦ୍ରା (ଜଣାଶୁଣା ଶିକ୍ଷାବିତ୍, ସାଂସ୍କୃତିକ କାର୍ଯ୍ୟକର୍ତ୍ତା ଏବଂ ଆଦିବାସୀ ଭାଷା ଓ ଲୋକସାହିତ୍ୟ ବିଶେଷଜ୍ଞ), କର୍ପୋରେଟ୍ ସର୍ଭିସେସ୍, ଟାଟା ଷ୍ଟିଲ କଳିଙ୍ଗନଗର ମୁଖ୍ୟ ଦେବଦୁତ ମହାନ୍ତି ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଆଦିବାସୀ ସଂସ୍କୃତି ଓ କୋଲିଆରିଜ୍ ମୁଖ୍ୟ, ଜିରେନ୍ ଜାଭିୟର୍ ଟପନୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଆଦିବାସୀ ସଂସ୍କୃତି, ପାରମ୍ପରିକ କଳା, ସଙ୍ଗୀତ ଓ ନୃତ୍ୟକୁ ପ୍ରଦର୍ଶିତ କରାଯାଇଥିଲା ଏବଂ ସେମାନଙ୍କ ଅଧିକାର ସୁରକ୍ଷା ଓ ଭବିଷ୍ୟତ ଗଠନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କିପରି ସହାୟକ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାରର ରୋଚକ କାର୍ଯ୍ୟକ୍ରମ ସାମିଲ ଥିଲା, ଯେପରିକି ଆଦିବାସୀ ଗ୍ରାମ ଏବଂ ମହାବିଦ୍ୟାଳୟ ଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶନ, ଆଦିବାସୀ ଅଧିକାର ସୁରକ୍ଷାରେ ଏଆଇର ଭୂମିକା ଉପରେ କର୍ମଶାଳା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ, ଏବଂ ପ୍ରତିଭାଶାଳୀ ଆଦିବାସୀ ଯୁବକ-ଯୁବତୀ ଏବଂ ଟ୍ରାଇବାଲ୍ ଲିଡରସିପ୍ ପ୍ରୋଗ୍ରାମ୍ (ଟିଏଲପି)ର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# କ୍ରାନ୍ତିଦିବସ ପାଳନ ଅବସରରେ ଶାନ୍ତି ଶୋଭାଯାତ୍ରା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**



କେନ୍ଦ୍ରାପଡ଼ା ସହରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ୮୪ତମ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହେଇଯାଇଛି। ଭାରତ ଛାଡ଼ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମର ଐତିହ ବହନ କରୁଥିବା ଏହି ଦିବସରେ ସାରା କେନ୍ଦ୍ରାପଡ଼ା ସହର ଉତ୍ସବ ମୁଖର ହୋଇଥିଲା। ଗାନ୍ଧୀଙ୍କ ପଦଯାତ୍ରା ସ୍ମାରକୀ ବହନ କରୁଥିବା ଗରାପୁର ଡାକବଙ୍ଗଳା ନିକଟ ଜାତିର ପିତା ମହାତ୍ମା ଗାନ୍ଧୀ ଓ ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସକାଳ ୮ଘଟିକାରେ ରାମଧୁନର ତାଳେତାଳେ ବିଭିନ୍ନ ବର୍ଗର ଶତାଧିକ ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ଶାନ୍ତି ପଦଯାତ୍ରା ତିନିମୁହାଣୀସ୍ଥିତ ଗାନ୍ଧୀ ପଦଯାତ୍ରା ସ୍ମାରକୀ ନିକଟରେ ପହଞ୍ଚି ଥିଲା। ଏହି ପଦଯାତ୍ରାକୁ ଉଦ୍‌ଘାଟନ କରିଥିଲେ ବିଧାୟକ ଗଣେଶ୍ୱର ବେହେରା। ଗାନ୍ଧୀ ପଦଯାତ୍ରା ସ୍ମାରକୀ ସ୍ଥଳରେ ଶାନ୍ତି ପଦଯାତ୍ରା ପହଞ୍ଚିଲା ପରେ ବିଶିଷ୍ଟ ବ୍ୟକ୍ତିମାନେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଉଦ୍‌ଘାଟନ କରିଥିଲେ ଜିଲ୍ଲାପାଳ ରଘୁରାମ ଆର ଆୟର। ପ୍ରଥମେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ବୀରବର ପାତ୍ରଙ୍କୁ ବିଧାୟକ ଗଣେଶ୍ୱର ବେହେରା ଉପଢୌକନ ଦେଇ ସମ୍ବର୍ଦ୍ଧିତ କଲାପରେ ସମ୍ପାଦକ ରାଜେଶ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ମୁଖ୍ୟବକ୍ତା ନନ୍ଦକିଶୋର ପରିଡ଼ା ଅଗଷ୍ଟ କ୍ରାନ୍ତି ସମ୍ପର୍କରେ ବିସ୍ତୃତ ଆଲୋଚନା କରି କଷ୍ଟ ଅର୍ଜିତ ସ୍ୱାଧୀନତାକୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ସିପ୍ରା ମଳିକ ଓ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ବକ୍ତବ୍ୟ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଧୀରେନ ସାହୁ, ଗୟାଧର ଧଳ ପ୍ରମୁଖ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ଦାସ, ଶିବପ୍ରସାଦ ଭଳ, ପ୍ରଦୀପ୍ତ ମହାନ୍ତି, ଦୁର୍ଗାଶୀଷ ମହାନ୍ତି, ପ୍ରିୟଦର୍ଶନୀ ତରାଇ, ରଶ୍ମିରଞ୍ଜନ ରାଉତ, ମାନସ ପରିଡ଼ା, ଚିତ୍ତରଞ୍ଜନ ମଲ୍ଲିକ, ଆକବର ଅଲ୍ଲୀ, ପ୍ରଫୁଲ୍ଲ ଦାସ, ପ୍ରଦୀପ ମହାନ୍ତି, ରଶ୍ମିତା ପଣ୍ଡା, ଭାଗିରଥି ଜେନା, ରମଣିରଞ୍ଜନ ରାଉତରାୟ, ମାଧବ ଦାସ, ଜଗତଜୀବନ ଦାଶ, ଉପେନ୍ଦ୍ର ପରିଡ଼ା, ବୈଷ୍ଣବ ସ୍ୱାଇଁ, ପ୍ରଣବ ଜେନା, ପ୍ରକାଶ ମହାନ୍ତି, ଦୋଳଗୋବିନ୍ଦ ସାହୁ, ସୁଧୀର ମଲ୍ଲିକ, ସୂର୍ଯ୍ୟକାନ୍ତ ପରିଡ଼ା, ଲୋହିତ ମହାନ୍ତି, ପ୍ରଭାଶିଷ ପଣ୍ଡା, ପ୍ରଦୀପ ନାୟକ, ହୀରଣ୍ୟ ପଣ୍ଡା, ଯଯାତି ମହାନ୍ତି, ଆଲୋକ ସାହୁ, ଧନଞ୍ଜୟ ମହାନ୍ତି, ପୀତବାସ ବେହେରା, ଦେବାଶିଷ କୁବେର, ଭବାନୀ ଓଝା, କିଶୋର ମହାରଣା, ଅକମଲ ଅଲ୍ଲୀ, ଶେଖ ଚନ୍ଦନ, ଅବଦୁଲ ସତ୍ତାର, ନାରାୟଣ ପରିଡ଼ା, ସତ୍ୟରଞ୍ଜନ ସେନାପତି ପ୍ରମୁଖ। ଧନ୍ୟବାଦ ଅର୍ପଣ କରିଥିଲେ ମୁକ୍ତାର ଖାଁ।

# କ୍ଷେତରେ କାମ କଲା ବେଳେ ଟଳି ପଡ଼ିଲେ ଚାଷୀ

**ସାକ୍ଷୀଗୋପାଳ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ବଳପୁର ପଞ୍ଚାୟତ ଆନନ୍ଦପୁର ଗ୍ରାମର ଜଣେ ଚାଷୀ କ୍ଷେତରେ କାମ କରିବା ସମୟରେ ମୃତ୍ୟୁବରଣ କରିଛନ୍ତି। ସେ ହେଲେ କାଶୀନାଥ ସାହୁ (୫୫)।

ଧାନ ରୋଇବା ପାଇଁ କାଶୀନାଥ କୋଦାଳ ଧରି ସୋମବାର ପୂର୍ବାହ୍ନରେ କ୍ଷେତକୁ ଯାଇଥିଲେ। ହେଲେ ପ୍ରବଳ ଖରା ହେଉଥିବା ବେଳେ ସେ କ୍ଷେତ ପାଖରେ ରହିଥିବା ନାଳ ଶଙ୍ଖ ପାଖକୁ ଆସିଥିବା ଗ୍ରାମବାସୀ ଅନୁମାନ କରିଛନ୍ତି। ଏପରିକି ଶଙ୍ଖ ଉପରେ ତାଙ୍କ କୋଦାଳ ଓ ସାଙ୍ଗରେ ନେଇଥିବା ପାନ ରହିଥିବା ବେଳେ ସେ ପାଣି ଭିତରେ ପଡ଼ି ତାଙ୍କର ମୃତ୍ୟୁ ଘଟିଛି। ଶଙ୍ଖ ତଳେ ଅଳ୍ପ ପାଣି ରହିଥିବା ବେଳେ ସେ ମୁହଁ ମାଡ଼ି ପାଣି ଭିତରେ ପଡ଼ିଥିବା ଦେଖିବାକୁ ମିଳିଛି। ଆନନ୍ଦପୁର ଓ କୁସୁମେଶ୍ୱର ରାସ୍ତାର ନାଳରେ ଏହି ଅଘଟଣ ଘଟିଛି। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

GOVT. OF ODISHA
OFFICE OF THE SUPERINTENDING ENGINEER
RURAI WORKS DIVISION, ANANDAPUR
E-Mail-errw_anandapur@yahoo.co.in

O-573

**NOTICE INVITING TENDER**
NATIONAL COMPETATIVE BIDDING THROUG e-PROCUREMENT NOTICE
On line-03/EE/RW/AND 2025-26
Periodical Maintenance Road Works

No. 4962 // Date: 07.08.2025//

Executive Engineer. Rural Works Division. Anandapur on behalf of Government of Odisha Invites PERCENTAGE(%)RATE tender for Periodical Maintenance Road Works through e-Procurement as per annexure in **Double Cover system**. The bid should be submitted on-line in the website www.tendersorissa.gov.in by eligible class of contractors having legal competency & expertise. registered with the state Government & contractors of equivalent grades / class registered with central Govt./ MES/ Railways for executon of the works for drawal of agreement in percentage P1 contract forms of Government of Odisha. The bidder should have necessary Portal Enrolment (witn his own Digital signature Certificate). The registered bidders of outside Odisha can also participate this process after necessary Portal Enrolment but shall have to subsequently undergo registration with the appropriate authority of the State Government before award of tne work.

| Procurement Officer | Bid Identification No. | Availibility of Tender on-line for bedding | | Last Date & Time of sacking tender calrification | Date & Time opening of tender in on the S.E, R.W. Division, Anandapur | |
|---|---|---|---|---|---|---|
| | | From | To | | Technical Bid | Financila Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executve Engineer R.W. Division Anandapur | NCB-On line 03/EE/RW/ AND 2025-26 | Dt.14.08.25 at 10.00 A.M | Dt.22.08.25 upto 5.30 P.M | Dt.21.08.25 upto 5.30 P.M | Dt.25.08.25 at 11.30 A.M | Will be intimated later |

OIPR-25055/11/0021/2526

Sd/- Executive Engineer
R.W. Division, Anandapur

# ହାତରେ ଫୁଟିଗଲା ବୋମା ଅପରାଧୀ ଗୁରୁତର

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଅପରାଧ ଘଟାଇବା ପାଇଁ ବୋମା ନେଇ ଯିବା ବେଳେ ଅପରାଧୀର ହାତରେ ଫୁଟିଗଲା ବୋମା। ଜଗତସିଂହପୁର କରେଇ ହାଟ ନିକଟରେ ଏହି ଘଟଣା ଘଟିଛି। ଏହି ଅପରାଧୀ ସହ ଥିବା ଅନ୍ୟ ୪ ଜଣ ସହଯୋଗୀ ଅପରାଧୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ଅପରାଧୀମାନେ କୌଣସି ସ୍ଥାନକୁ ଅପରାଧ ଘଟାଇବା ପାଇଁ ବାଇକ୍‌ରେ ଯାଉଥିବା ସନ୍ଦେହ କରାଯାଉଛି। କରେଇ ହାଟ ନିକଟରେ ଅପରାଧୀର ହାତରେ ଗୋଟିଏ ବୋମା ଫୁଟିଯାଇଥିଲା। ସେ ଗୁରୁତର ହେବାରୁ ଅନ୍ୟ ସହଯୋଗୀମାନେ ତାକୁ ସେଠାରେ ଛାଡ଼ି ଫେରାର ହୋଇଯାଇଥିଲେ। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଗୋଟିଏ ବୋମା ଜବତ କରିବା ସହ ଏହି ଘଟଣାର ତଦନ୍ତ ଜାରି ରଖିଛି।

# କଟକ ଗଣେଶ ପୂଜା : ବିକୃତ ମୂର୍ତ୍ତି ସ୍ଥାପନ ଉପରେ ମେୟରଙ୍କ କଟକଣା

**କଟକ, ନ୍ୟୁଜ୍‌ବ୍ୟୁରୋ**



କଟକ ମହାନଗର ନିଗମ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ଗଣେଶ ପୂଜା ଶାନ୍ତି ଶୃଙ୍ଖଳାରେ କିପରି ହୋଇପାରିବ ସେହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସହରର ରାସ୍ତାଘାଟ ମରାମତି, ଆଲୋକୀକରଣ, ପରିମଳ ସଫେଇ ବିଷୟରେ ଆଲୋଚନା ହେବା ସହିତ ସମସ୍ତ ଆୟୋଜକ କମିଟିକୁ ଶବ୍ଦ ପ୍ରଦୂଷଣ, ଡିଜେ ସାଉଣ୍ଡକୁ ୬୫ ଡେସିବେଲରୁ ଅଧିକ ନ ରଖିବା, ରାତି ୧୦ ଘଟିକା ପରେ ଡିଜେ, ମାଇକ ଏବଂ ମେଲୋଡି କାର୍ଯ୍ୟକ୍ରମକୁ ବନ୍ଦ କରିବା ପାଇଁ ଅନୁରୋଧ କରିବା ସହିତ ଯେପରି କୌଣସି ଆୟୋଜକ କମିଟି ଦ୍ୱାରା ପ୍ରଭୁ ଗଣେଶଙ୍କ ବିକୃତ ମୂର୍ତ୍ତି ଶୋଭା ନପାଇବ ସେଥିପ୍ରତି ଧ୍ୟାନ ଦେବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇ ଥିଲା। ମେଢ ଯିବା ବାଟରେ ଇଣ୍ଟରନେଟ ଓ ଟିଭି କେବୁଲ ତା'ର ପ୍ରତିବନ୍ଧକ ସୃଷ୍ଟି କରିଥିବାରୁ ସେଗୁଡିକୁ ଯଥା ସମୟରେ ଅପସାରଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମେୟରଙ୍କୁ ସମସ୍ତ ପୂଜା କମିଟିର ସଭ୍ୟସଭ୍ୟାମାନେ ଅନୁରୋଧ କରିଥିଲେ। ଏହି କ୍ରମରେ କଟକ ମେୟର ଶ୍ରୀ ସିଂହ ମଧ୍ୟ ଇଣ୍ଟରନେଟ ଓ ଟିଭି କେବୁଲ ତା'ର ପ୍ରତିବନ୍ଧକର ଅବସ୍ଥାକୁ ଦୃଷ୍ଟିଦେଇ ସମ୍ପୃକ୍ତ ବିଭାଗକୁ ତୁରନ୍ତ ଅପସାରଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇ ଥିଲେ। ଏହି ଅବସରରେ କଟକ ମେୟର ସୁବାସ ସିଂହଙ୍କ ସହିତ ପୂର୍ବତନ ମନ୍ତ୍ରୀ ତଥା କଟକ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ସି.ଏମ୍.ସି କମିଶନର କିରଣଦୀପ କୌର ସହୋତା, ଡେପୁଟି କମିଶନର ସୁଶ୍ରୀ ଦମୟନ୍ତୀ ମାଝୀ, କର୍ପୋରେଟର ସୁବାଶିଷ କୁମାର ପଟ୍ଟନାୟକ, ଏ.ଡି.ସି.ପି ଅମରେଶ ପଣ୍ଡା, କଟକ ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ସାଧାରଣ ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତିକମିଟି ସଭାପତି ବିଜୟ କୁମାର ସାହୁ, ପୂର୍ବାଞ୍ଚଳ ଶାନ୍ତିକମିଟି ସମ୍ପାଦକ ପ୍ରଫୁଲ୍ଲ ସାହୁ, କଟକ ଶାନ୍ତି କମିଟି କୋଷାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଶାନ୍ତି କମିଟି କର୍ମକର୍ତ୍ତା ଧର୍ମେଶ ନାୟକ ପ୍ରଦୀପ ସିହ୍ନା, ନୃସିଂହ ଚୌଧରୀ, ଦେବାଶିଷ ରାୟ, ଦେବେନ୍ଦ୍ର କାହାଳି, ଦିପାୟନ ପଟ୍ଟନାୟକ, ରବୀନ୍ଦ୍ର ବେହେରା, ମୀନକେତନ ଦାସ ବିଦ୍ୟାଧରପୁର କମିଟି ସମ୍ପାଦକ, ସୁନୀଲ ପଣ୍ଡା, ବୟ-ଭିଜର ଜ୍ୟୋତି ଘୋଷ, ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ଉପଆୟୁକ୍ତ ଶ୍ୱେତା ସ୍ନିଗ୍ଧା, ସିଟି ଇଞ୍ଜିନିୟର ଅତନୁ ସାମନ୍ତ, ସହକାରୀ ଆୟୁକ୍ତ ତ୍ରିନାଥ ବେହେରା, ସି.ଏମ.ସିର ସମସ୍ତ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ସରକାରୀ ବିଭାଗ ଯଥା ୱାଟକୋ, ବିଦ୍ୟୁତ ବିଭାଗ, ଜିଆକାର ସମସ୍ତ ଅଧିକାରି, ବହୁ ଆୟୋଜକ କମିଟିର ସଭାପତି ଓ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ଅଗଷ୍ଟ ୨୦୨୫ ମଙ୍ଗଳବାର





# ପାତ୍ରପଡ଼ା ମର୍ମନ୍ତୁଦ ଦୁର୍ଘଟଣା : ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାତ୍ରପଡ଼ା ଠାରେ ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ରେବତୀଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ରେବତୀଙ୍କ ସୋମବାର ମୃତ୍ୟୁ ଘଟିଛି । ପୂର୍ବରୁ ଏହି ଦୁର୍ଘଟଣାରେ ରେବତୀଙ୍କ ୮ ବର୍ଷ ଝିଅର ମୃତ୍ୟୁ ହୋଇଥିଲା । ସୂଚନାଯୋଗ୍ୟ, ଶନିବାର ରାତିରେ ପାତ୍ରପଡ଼ା ଠାରେ ରେବତୀ ନିଜ ୮ ବର୍ଷ ଝିଅ ଓ ୨ ବର୍ଷର ପୁଅ ସହ ରାସ୍ତା ପାର ହେଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଥର ଗାଡି ତାଙ୍କୁ ଧକ୍କା ଦେଇଥିଲେ । ଏଥିରେ ରେବତୀଙ୍କ ଝିଅର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଆଉ ଗୁରୁତର ଅବସ୍ଥାରେ ରେବତୀ ଏବଂ ପୁଅକୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ମାତ୍ର ସୋମବାର ରେବତୀଙ୍କ ମୃତ୍ୟୁ ହୋଇଛି । ସେପଟେ ଘଟଣାକୁ ନେଇ ପୁଲିସ ଏପର୍ଯ୍ୟନ୍ତ କେବଳ ଗାଡ଼ିଟିକୁ ଜଟଣୀ କୁସୁମାଟିରୁ ଠାବ କରିପାରିଛି । କାର ଚାଳକ ଏବେବି ଫେରାର ଅଛନ୍ତି ।

# ସ୍ୱର୍ଗତ ଅନୀଲ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ପାଳିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଜଣେ ପ୍ରତିଷ୍ଠିତ ଫଟୋ ସାମ୍ବାଦିକତାର ଜନକ ଭାବେ ପରିଚିତ ତଥା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏ ସାପ୍ତାହିକ ଖବର କାଗଜର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା ସୋମବାର ଗୀତଗୋବିନ୍ଦ ସଦନ ଠାରେ ପାଳିତ ହୋଇଯାଇଛି । ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତ୍ତା ଦେଉଥିଲେ ଅନୀଲ । ତାଙ୍କ ଫଟୋ କଥା କହୁଥିଲା । ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା । ସେ ଥିଲେ ବଡ଼ ସ୍ୱାଭିମାନୀ । କାହାକୁ କେବେହେଲେ ସାହାଯ୍ୟ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀ ଦାସ କହିଥିଲେ । ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟତର ଥିଲେ । ତାଙ୍କର ଫଟୋକ ନେଇ ବିଜୁ ଗ୍ୟାଲେରୀ କରିଥିଲେ । ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସ୍‌ର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇଥିଲେ । ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା । ପ୍ରଥମେ ମଞ୍ଚାସୀନ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା । ସମ୍ମାନୀତ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ କାର୍ଯ୍ୟ, ନିଷ୍ଠା ଓ ବଳିଷ୍ଠ ଉଦ୍ୟମର ପ୍ରଶଂସା କରିବା ସହିତ ସେ କେଉଁଭଳି ଭାବରେ ଯୁବ ସାମ୍ବାଦିକଙ୍କ ପାଇଁ ପ୍ରେରଣା ସାଜିଥିଲେ ତା'ଉପରେ ମତ ରଖିଥିଲେ । ଏହି ଅବସରରେ ଅନେକ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକା ସୌମ୍ୟା ତ୍ରିପାଠୀ ।



# ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ : ବିନା ଐତିହ୍ୟ ଅନୁମୋଦନରେ ପୁରୀ ବିମାନବନ୍ଦର

**ପୁରୀ, ନ୍ୟୁଜ ବ୍ୟୁରୋ**

ଐତିହ୍ୟ ଏକ ଅବହେଳିତ ଅଧ୍ୟାୟ ହୋଇରହିଛି । କିଛି ସେକେଣ୍ଡରେ ପୁରାତନ କୀର୍ତିକୁ ଭାଙ୍ଗିବା ସହଜ । ହେଲେ ଏହାକୁ ଗଢିବା ଅସମ୍ଭବ । ଏହା ଆଇନ ଅନୁଯାୟୀ ଅପରାଧ । ଐତିହ୍ୟର ସୁରକ୍ଷା ଓ ସଂରକ୍ଷଣ କରିବାରେ ଆମେ ବିଫଳ । ଯେଉ ସବୁ ମଠ ମନ୍ଦିର ଭଙ୍ଗାଯାଇଛି ତାହାର ପୁନଃ ନିର୍ମାଣ ଅସମ୍ଭବ । ମଠ ମନ୍ଦିର ଭଙ୍ଗାଯିବା ପରେ ଏବେ ପୁରୀରେ ବିମାନ ବନ୍ଦର କରାଯାଉଛି । ବିମାନବନ୍ଦର ହେଲେ ଶ୍ରୀମନ୍ଦିରକୁ ବିପଦ ପଡିବ । ବିମାନବନ୍ଦର ନିର୍ମାଣ ପାଇଁ ହେରିଟେଜ୍ କ୍ଲିୟରାନ୍ସ ବା ଐତିହ୍ୟ ଅନୁମୋଦନ ଆବଶ୍ୟକ । ହେଲେ ବିନା ଐତିହ୍ୟ ଅନୁମୋଦନରେ ଏସବୁ କାର୍ଯ୍ୟ କରାଯାଉଛି । ଯାହା ପରବର୍ତୀ ସମୟରେ ଶ୍ରୀମନ୍ଦିରକୁ କ୍ଷତି ପହଂଚାଇବ । ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏହା କହିଛନ୍ତି ବିଶିଷ୍ଟ ଐତିହାସିକ ଡଃ ଅନିଲ ଧୀର । ପୁରୀର ସଂସ୍କୃତି ଭବନଠାରେ ଐତିହ୍ୟ ପଦଯାତ୍ରାର ବାର୍ଷିକୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ପୁରୀ ଐତିହ୍ୟ ପଦଯାତ୍ରାର ପ୍ରଥମ ବାର୍ଷିକୋତ୍ସବ ପୁରୀର ସଂସ୍କୃତି ଭବନଠାରେ ପାଳିତ ହୋଇଯାଇଛି । ଏଥିରେ ପ୍ରସିଦ୍ଧ ସ୍ଥାପତ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଗାମୀ ପିଢ଼ୀ ପାଇଁ ଐତିହ୍ୟ ସମ୍ବନ୍ଧୀୟ ସଚେତନତା ବିଷୟରେ ଆଲୋକପାତ କରିଥିଲେ । ବିଶିଷ୍ଟ ଐତିହାସିକ ଡଃ ଅନିଲ ଧୀର ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ସମୟ ସ୍ରୋତରେ ଧ୍ୱଂସାଭିମୁଖୀ କୀର୍ତିରାଜିଗୁଡ଼ିକ ଏବଂ ଏହି ଐତିହ୍ୟର ସଂରକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ । ଇନ୍‌ଟାକ୍‌ର ଆବାହକ ଡଃ ବିଶ୍ୱଜିତ୍ ମହାନ୍ତି ଐତିହ୍ୟ ପଦଯାତ୍ରାର ଆଭିମୁଖ୍ୟ ଉପରେ ନିଜ ମତ ରଖିଥିଲେ । ବିଭିନ୍ନ ଐତିହ୍ୟ ସଂରକ୍ଷଣ କାର୍ଯ୍ୟକ୍ରମର ଡିଜିଟାଇଜେସନ୍ କରି ଏହାର ଜଗତିକରଣ କରିବା ଦିଗରେ ଉଦୟଗିରି ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଜେ.ପି. ଜଗଦେବ ଆଲୋଚନା କରିଥିଲେ । ଐତିହାସିକ ତଥ୍ୟ ଆମ ଉତର ପିଢ଼ିମାନଙ୍କ ପାଇଁ ସଂରକ୍ଷିତ ହୋଇ ରହିବା ଜରୁରୀ ବୋଲି ମତପ୍ରକାଶ କରିଥିଲେ ମହୀପ୍ରକାଶ ମଠର ମଠାଧୀଶ ଶ୍ରୀ ଶୁଭାନନ୍ଦ ମହାରାଜ । ଐତିହ୍ୟ ଗବେଷକ ଡଃ ସୁରେନ୍ଦ୍ର କୁମାର ମିଶ୍ରଙ୍କର ପୁସ୍ତକ 'ନବକଳେବରର ଐତିହ୍ୟ'ର ହିନ୍ଦୀ ସଂସ୍କରଣ ଉନ୍ମୋଚନ ସହିତ ଡଃ ମିଶ୍ର ଐତିହ୍ୟ ଗବେଷଣା ସମ୍ପର୍କିତ ସମ୍ୟକ୍ ଆଲୋଚନା କରିଥିଲେ । ଏହି ଅବସରରେ ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ସେବକ ଶ୍ରୀ ବିଜୟ କୁମାର ମହାପାତ୍ର, ଐତିହ୍ୟ ଗବେଷକ ଓ ଲେଖକ ଶ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ଏବଂ ଶ୍ରୀ ସାରଙ୍ଗଧର ରାୟଗୁରୁଙ୍କୁ ଐତିହ୍ୟ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥିସହିତ ରାଜ୍ୟ ତଥା ପୁରୀର ବିଶିଷ୍ଟ ଐତିହ୍ୟ କର୍ମୀମାନଙ୍କୁ ଐତିହ୍ୟ ଶ୍ରୀ ତଥା ଐତିହ୍ୟ ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧନା ସହ କଟକ ଐତିହ୍ୟ ପଦଯାତ୍ରା, ଜଗତସିଂହପୁର ଐତିହ୍ୟ ପଦଯାତ୍ରା, ଢେଙ୍କାନାଳ ଐତିହ୍ୟ ପଦଯାତ୍ରା, ମୟୁରଭଞ୍ଜ ଐତିହ୍ୟ ପଦଯାତ୍ରା ଓ ବାଲେଶ୍ୱର ଦର୍ଶନର କର୍ମୀମାନଙ୍କୁ ଐତିହ୍ୟ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା । ପୂର୍ବରୁ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ଏହି କାର୍ଯ୍ୟକ୍ରମ ଅବସରରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ସଭାକାର୍ଯ୍ୟକୁ ଐତିହ୍ୟ ଗବେଷକ ପଣ୍ଡିତ ସିଦ୍ଧାର୍ଥ ଆଚାର୍ଯ୍ୟ ଓ ସାମ୍ବାଦିକା ରାଜଶ୍ରୀ ସାହୁ ସଂଚାଳନା କରିଥିଲେ । ଏହି ଅବସରରେ ପୁରୀ ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବର ସ୍ମରଣିକା "ଐତିହ୍ୟ ଗବାକ୍ଷ" ପ୍ରକାଶ ପାଇଥିଲା । ପୁରୀ ଐତିହ୍ୟ ପଦଯାତ୍ରାର ଉପଦେଷ୍ଟା ଡଃ ଦେବୀ ପ୍ରସନ୍ନ ନନ୍ଦ, ଆବାହକବୃନ୍ଦ ବିଶ୍ୱରଂଜନ ଦେହୁରୀ, ସଞ୍ଜୟ କୁମାର ବରାଳ ତଥା ଡକ୍ଟର କୁମାର ଅରୋଜ୍ୟୋତିଙ୍କ ଦିଗ୍‌ଦର୍ଶନରେ ଅଶୋକା ମଞ୍ଜରୀ ନାୟକ, ପ୍ରିୟଙ୍କର ମହାରଣା, ଜ୍ୟୋତ୍ସ୍ନା ମହାପାତ୍ର, ସତ୍ୟପ୍ରକାଶ ନାୟକ, ଅଭିପ୍ସା ନାୟକ, ଦୁର୍ଗାମାଧବ ମହାନ୍ତି, ତନ୍ମୟ ଚାଟାର୍ଜୀ, ସୁପ୍ରଭା ସାହୁ ପ୍ରଭୃତି ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ପୁରୀ-ଲାଲଗଡ଼-ପୁରୀ ଏକ୍ସପ୍ରେସ ରାଜସ୍ଥାନର ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆନ୍ତଃରାଜ୍ୟ ସଂଯୋଗୀକରଣକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ଭାରତୀୟ ରେଳବାଇ ଟ୍ରେନ୍ ନମ୍ବର ୨୦୪୭୨/୨୦୪୭୧ ପୁରୀ-ଲାଲଗଡ଼-ପୁରୀ ସାପ୍ତାହିକ ଏକ୍ସପ୍ରେସକୁ ୧୩ ଅଗଷ୍ଟ ୨୦୨୫ ଠାରୁ ପୁରୀରୁ ଶ୍ରୀ ଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ନିଷ୍ପତ୍ତି ନେଇଛି । ଏହି ଐତିହାସିକ ସମ୍ପ୍ରସାରଣ ବଙ୍ଗୋପସାଗରକୁ ଥର ମରୁଭୂମି ସହିତ ସୁଗମ ଭାବରେ ସଂଯୋଗ କରିବ, ଯାହା ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା ଏବଂ ଉତ୍ତର-ପଶ୍ଚିମ ରାଜ୍ୟ ରାଜସ୍ଥାନ ମଧ୍ୟରେ ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଦୃଢ଼ କରିବ । ସାଂସଦ ଶ୍ରୀ ସମ୍ବିତ ପାତ୍ର ୧୩ ଅଗଷ୍ଟ ୨୦୨୫ ତାରିଖ (ବୁଧବାର) ଦିନ ପୁରୀ ରେଳ ଷ୍ଟେସନରେ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଏହି ଟ୍ରେନର ସମ୍ପ୍ରସାରଣକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହି ସମାରୋହରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମଧ୍ୟ ଯୋଗଦେବେ । ଆଞ୍ଚଳିକ ସଂଯୋଗ ଏବଂ ଯାତ୍ରୀ ସୁବିଧା ବୃଦ୍ଧି କରିବାରେ ଏହି ମାର୍ଗରେ ବର୍ଦ୍ଧିତ ଚାହିଦା ଉପରେ ଗୁରୁତ୍ୱାରୋପ କରାଯାଉଅଛି । ପୁରୀ ଏବଂ ଲାଲଗଡ଼ ମଧ୍ୟରେ ଉଭୟ ପାର୍ଶ୍ୱରୁ ସ୍ଥିରୀକୃତ ଷ୍ଟେସନ ଠାରେ ରହଣି ସମୟ ଅପରିବର୍ତ୍ତିତ ରହିବ । ଲାଲଗଡ଼ରୁ ଶ୍ରୀଗଙ୍ଗାନଗର ପର୍ଯ୍ୟନ୍ତ ସମ୍ପ୍ରସାରିତ ମାର୍ଗ ବର୍ତ୍ତମାନ ସମୟସୂଚୀରେ ସାମିଲ ହୋଇଛି । ଏହି ସମ୍ପ୍ରସାରଣ ପୂର୍ବ ଏବଂ ଉତ୍ତର-ପଶ୍ଚିମ ଭାରତ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରିବ ଯାହା ତୀର୍ଥଯାତ୍ରୀ, ପର୍ଯ୍ୟଟକ ଏବଂ ବ୍ୟବସାୟିକ ଯାତ୍ରୀମାନଙ୍କୁ ଯଥେଷ୍ଟ ଲାଭ ପହଞ୍ଚାଇବ । ନୂତନ ଟର୍ମିନାଲ ଷ୍ଟେସନ ଯୋଡାଗଲା: ଶ୍ରୀ ଗଙ୍ଗାନଗର, ରାଜସ୍ଥାନ । ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ଉନ୍ନତ ପ୍ରବେଶଯୋଗ୍ୟତା: ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ । ଭୌଗୋଳିକ ଏବଂ ସାଂସ୍କୃତିକ ଭାବରେ ବିବିଧ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ଏକୀକରଣକୁ ସୁଦୃଢ଼ କରାଯାଇଛି । ପୁରୀରୁ ଛାଡୁଥିବା ଏହି ଟ୍ରେନ ଲାଲଗଡ଼ରେ ରାତ୍ରି ୮ଘ.୩୩ମି.ରେ ପହଞ୍ଚିବା ପରେ ସେଠାରୁ ରାତ୍ରି ୮ଘ.୩୫ମି.ରେ ଛାଡି ଶ୍ରୀଗଙ୍ଗାନଗର ଅଭିମୁଖେ ଯାତ୍ରା କରିବ ଏବଂ ସେଠାରେ ରାତ୍ରି ୦୨ଘ.୦୫ ମି.ରେ ପହଞ୍ଚିବ । ଫେରିବା ମାର୍ଗରେ ଏହି ଟ୍ରେନ୍ ଶ୍ରୀଗଙ୍ଗାନଗରରୁ ଅପରାହ୍ନ ୨ଘ.୧୦ମି.ରେ ଛାଡ଼ିବ ଏବଂ ସନ୍ଧ୍ୟା ୬ଘ.୩୦ମି.ରେ ଲାଲଗଡ଼ରେ ପହଞ୍ଚିବ ଏବଂ ସେଠାରୁ ସନ୍ଧ୍ୟା ୬ଘ.୩୨ମି.ରେ ପୁରୀ ଅଭିମୁଖେ ଯାତ୍ରା କରିବ । ଏହି ଟ୍ରେନ୍ ଉଭୟ ପାର୍ଶ୍ୱରୁ ଲାଲଗଡ଼ ଏବଂ ଶ୍ରୀଗଙ୍ଗାନଗର ମଧ୍ୟରେ ଲୁଙ୍କାରଣସର, ସୁରତଗଡ଼, ରାୟ ସିଂହ ନଗର ଏବଂ ଶ୍ରୀକରଣପୁର ଷ୍ଟେସନ ମାନଙ୍କରେ ରହଣି କରିବ ।

ଏହି ସମ୍ପ୍ରସାରଣ ଉନ୍ନତ ରେଳ ଭିତ୍ତିଭୂମି ମାଧ୍ୟମରେ ରାଷ୍ଟ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ 'ଏକ ଭାରତ, ସଶକ୍ତ ଭାରତ' ଦୃଷ୍ଟିକୋଣ ପ୍ରତି ଭାରତୀୟ ରେଳବାଇର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନିୟମିତ ଅଭିଯୋଗ...

ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ ଏବଂ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥାରେ ଚିନ୍ତିତ ଲୋକମାନଙ୍କ ମୁହଁରେ ଆଶାର କିରଣ ଦେଖାଦେଇଥିଲା ଏବଂ ସେମାନେ ଆଶ୍ୱସ୍ତ ହୋଇ ଫେରିଥିଲେ । ପ୍ରକୋଷ୍ଠ ମଧ୍ୟରେ ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୮ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ । ରାଜ୍ୟ ସରକାରଙ୍କ ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରାଜ୍ୟସ୍ତର ସହିତ ଜିଲ୍ଲାସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି । ଏହି ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଜରିଆରେ ଅନେକ ଲୋକଙ୍କର ବର୍ଷ ବର୍ଷ ଧରି ପଡି ରହିଥିବା ସମସ୍ୟାର ସମାଧାନ ହୋଇପାରୁଛି । ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ସରକାର ଆଣିବେ...

ଲୋକ ଯେଉଁ ବିକଳ୍ପ ଦେବେ ସେହି ଅନୁସାରେ ନୀତି କାର୍ଯ୍ୟକାରୀ ହେବ । ସରକାର କାହା ଉପରେ କୌଣସି ନିଷ୍ପତ୍ତି ଲଦିବେ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ବନ୍ୟା ପ୍ରଭାବିତ...

କ୍ଷତିପୂରଣ ରାଶି ପଠାଯାଇଛି । ସମୁଦାୟ ୬ କୋଟି ୬୬ ଲକ୍ଷ ୧୭ ହଜାର ୫୫ ଟଙ୍କା ସହାୟତା ରାଶି ସରକାର ଦେଇଛନ୍ତି । ରାଜ୍ୟ ସରକାର ବାଲେଶ୍ୱର ପାଇଁ ୨ କୋଟି ୧ ଲକ୍ଷ ୧୪,୬୯୭ ଟଙ୍କା, ଯାଜପୁର ପାଇଁ ୩ କୋଟି ୪୫ ଲକ୍ଷ ୯୩,୨୯୦, ମୟୂରଭଞ୍ଜ ପାଇଁ ୬୭ଲକ୍ଷ ୪୮ ହଜାର ୧୪୮, ଭଦ୍ରକ ପାଇଁ ୫୧ ଲକ୍ଷ ୩୧,୮୨୦ ଓ କେନ୍ଦୁଝର ପାଇଁ ୨ ଲକ୍ଷ ୯୧ ହଜାର ଟଙ୍କା ସହାୟତା ପଠାଇଛନ୍ତି । ଜିଲ୍ଲାପାଳ ମାନେ କ୍ଷତିଗ୍ରସ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିଛନ୍ତି । ରିଲିଫ ଖର୍ଚ୍ଚ ହୋଇଛି । ଫସଲ ନଷ୍ଟ ପାଇଁ କ୍ଷତିପୂରଣ ବି ଜିଲ୍ଲାପାଳ ମାନଙ୍କୁ ପଠାଯାଇଛି । ପାଣି ବିଶୋଧନ ଅର୍ଥ ବି ପଠାଯାଇଛି । ଘର ନଷ୍ଟ, ଲୁଗା, ବାସନ, ମତ୍ସ୍ୟଜୀବୀ, ଉଦ୍ଧାର କାର୍ଯ୍ୟ ଖର୍ଚ୍ଚ ବି ଜିଲ୍ଲାପାଳଙ୍କୁ ଦିଆଯାଇଛି ।

## ମହିଳା କମିଶନ ...

ଗ୍ରହଣ କରିବା ପରେ ସେ ତାଙ୍କର ପ୍ରଥମ ପ୍ରତିକ୍ରିୟାରେ କହିଛନ୍ତି ଯେ ସମାଜର ଅସହାୟ ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବେ । ସେ କହିଛନ୍ତି ଯେ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳ ସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି । ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିବି । ଯେଉଁ ଦାୟିତ୍ୱ ମିଳିଛି ଅଧ୍ୟକ୍ଷା ଭାବେ ମୁଁ ସର୍ବଦା ଚେଷ୍ଟା କରିବି ଯେପରି ମହିଳାମାନେ ଗୁହାରି କରି ବିଫଳ ନହେବେ । ମୋ ପାଖକୁ ଯେଉଁ ଅଭିଯୋଗ ଆସିବ ତାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ନିର୍ଣ୍ଣାୟକ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି ।

## ଦାୟିତ୍ୱ ନେଲେ...

ଦେଇ ଶ୍ରୀମତୀ ପାତ୍ର କହିଛନ୍ତି ଯେ ଶିଶୁମାନଙ୍କର ବିକାଶ ପାଇଁ କାର୍ଯ୍ୟ କରିବି । ବିଗତ କେସ୍ ଗୁଡ଼ିକୁ ଅନୁଧ୍ୟାନ କରିବି ଏବଂ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବି । ଶିଶୁ ଦେଶର ଭବିଷ୍ୟତ, ସେମାନଙ୍କର ସୁରକ୍ଷା ଜରୁରୀ । ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବି ।

## କେନ୍ଦ୍ର ସରକାରଙ୍କ...

ଯେଉଁଥିରୁ ୧,୨୭,୮୨୦ଟି ଆବେଦନ ସମ୍ଭାବ୍ୟତାକୁ ଅନୁମୋଦନ ଦିଆଯାଇଛି । ଏଯାବତ ୩୩.୬ ମେଗାୱାଟ କ୍ଷମତା ସ୍ଥାପନ କରାଯାଇଛି । ସେହିପରି, ପ୍ରଧାନମନ୍ତ୍ରୀ-କୁସୁମ ଯୋଜନାରେ, ୫୦ ମେଗାୱାଟ କ୍ଷମତାକୁ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଦ୍ୱାରା ଅନୁମୋଦନ ପ୍ରାପ୍ତ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ବିଭାଗ ଦ୍ୱାରା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ, ବିଶେଷକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ନିୟମିତ ଭାବରେ ଭେଣ୍ଡରମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଠିକଭାବେ କାର୍ଯ୍ୟ କରୁନଥିବା ଭେଣ୍ଡରଙ୍କ ପଞ୍ଜିକରଣ ରଦ୍ଦ କରିବାକୁ ମଧ୍ୟ ବୈଠକରେ ଆଲୋଚନା କରାଯାଇଛି । ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ, ବିତ୍ତପରାମର୍ଶ ଦାତା-ତଥା-ସ୍ୱତନ୍ତ୍ର ସଚିବ ଦେବୀଦତ୍ତ ତ୍ରିପାଠୀ, ଅତିରିକ୍ତ ସଚିବ ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓରେଡା, ଟାଟା ପାୱାର ଏବଂ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସେମାନଙ୍କର ସୁଦୃଢ଼ ଏବଂ ରଣନୈତିକ ରୋଡମ୍ୟାପ୍ ପ୍ରଦାନ କରିଥିଲେ ।

## ବରଗଡରେ...

ବରଗଡ଼ ଜିଲ୍ଲାର ଗାଇସିଲଟ ଥାନା ଅଞ୍ଚଳ ଅନ୍ତର୍ଗତ ଫିରିଙ୍ଗମାଲ ଗାଁର ଏକ ଫୁଟବଲ ପଡ଼ିଆରୁ ନାବାଳିକାକୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଗ୍ରାମବାସୀମାନେ ଉଦ୍ଧାର କରିଥିଲେ । ତାଙ୍କୁ ତୁରନ୍ତ ବରଗଡ଼ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ଏବଂ ପରେ ବୁର୍ଲା ହସ୍‌ପିଟାଲକୁ ପଠାଯାଇଥିଲା । ଆତ୍ମହତ୍ୟା ପଛର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଅଷ୍ଟମ ଶ୍ରେଣୀ ଛାତ୍ରୀ ପେଟ୍ରୋଲ ବ୍ୟବହାର କରି ନିଜକୁ ଜାଳି ଦେଇଥିଲେ ବୋଲି ପୋଲିସ କହିଛି ।

## ଓଏଏସ୍ ...

ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ହୋଇଛନ୍ତି ଓଏଏସ ଅଧିକାରୀ ନୀତି ରଞ୍ଜନ ସେନ । ଓଏଏସ ଅଧିକାରୀ ଗୌରବମୟ ପ୍ରଧାନ ଅନୁଗୁଳ ଜିଲ୍ଲା ପରିଷଦ ଅତିରିକ୍ତ ଇଓ ଭାବେ ନିଯୁକ୍ତ ହୋଇଛନ୍ତି । କରଞ୍ଜିଆ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଭାବେ ଶିବଶଙ୍କର ମିଶ୍ର ଏବଂ ସ୍ୱାସ୍ଥ୍ୟ ବିଭାଗ ଡେପୁଟି ସେକ୍ରେଟାରୀ ଭାବେ ପୁନମ ରାଉତ ନିଯୁକ୍ତ ହୋଇଛନ୍ତି ।

## ସାଂସଦଙ୍କୁ ମିଳିଲା...

ସଦସ୍ୟଙ୍କ ପାଇଁ ୧୮୪ଟି ନବନିର୍ମିତ ଟାଇପ୍-VII ବହୁତଳ ଫ୍ଲାଟ୍ ଉଦଘାଟନ କରିଛନ୍ତି । ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଫ୍ଲାଟ୍ ନିର୍ମାଣ କରିଥିବା ଶ୍ରମିକମାନଙ୍କୁ ମଧ୍ୟ ଭେଟିଥିଲେ । ଉଦଘାଟନ ପରେ ପ୍ରଧାନମନ୍ତ୍ରୀ କହିଥିଲେ, ସଂସଦରେ ମୋର ସହକର୍ମୀଙ୍କ ପାଇଁ ଏକ ଆବାସିକ କମ୍ପ୍ଲେକ୍ସ ଉଦଘାଟନ କରିବାର ସୁଯୋଗ ପାଇଛି । ଯାହାର ନାମ କୃଷ୍ଣା, ଗୋଦାବରୀ, କୋଶୀ ଏବଂ ହୁଗଳି ରଖାଯାଇଛି । ଏଗୁଡ଼ିକ ଭାରତର ଚାରୋଟି ମହାନ ନଦୀର ନାମ । ୫ ହଜାର ବର୍ଗଫୁଟରେ ତିଆରି ଫ୍ଲାଟ୍‌ରେ ୫ଟି କୋଠରୀ ଅଛି । ଯେଉଁଥିରେ ସାଂସଦ ଏବଂ ତାଙ୍କ ସହାୟକଙ୍କ ପାଇଁ ପୃଥକ କାର୍ଯ୍ୟସ୍ଥଳ କରାଯାଇଛି । ଏହା ବ୍ୟତୀତ ସହାୟକ କର୍ମଚାରୀଙ୍କ ପାଇଁ ୨ଟି କୋଠରୀ ଦିଆଯାଇଛି । ପ୍ରତ୍ୟେକ କୋଠରୀ ଭିତରେ ବାଥରୁମ୍ ତିଆରି କରାଯାଇଛି । ଏହାକୁ ପ୍ରସ୍ତୁତ କରିବା ପାଇଁ ପ୍ରାୟ ୫୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଗୁଡ଼ିକୁ ଏପରି ପ୍ରଯୁକ୍ତିବିଦ୍ୟାରେ ପ୍ରସ୍ତୁତ କରାଯାଇଛି ଯେ ଏଗୁଡ଼ିକ ୧୦୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ରହିପାରିବ । ଏହାସହ ଏକକାଳୀନ ୫୦୦ ଗାଡ଼ି ପାର୍କିଂ କରାଯାଇପାରିବ । ଏଥିପାଇଁ ଏକ ଭୂତଳ ଦୁଇ ମହଲା ପାର୍କିଂ ନିର୍ମାଣ କରାଯାଇଛି ।

## ଅନ୍‌ଲାଇନରେ...

ମହାପ୍ରସାଦ ବିକ୍ରିକୁ ନେଇ ସହମତ ନାହାନ୍ତି । ସମସ୍ତ ଭକ୍ତଙ୍କୁ ଅନୁରୋଧ, ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ ସହ ମହାପ୍ରସାଦ ପାଇବାର ସୌଭାଗ୍ୟ ପାଆନ୍ତୁ । ମହାପ୍ରସାଦ ଅନଲାଇନ ବିତରଣ ହେଉନାହିଁ । ଯେଉଁ ଉଦ୍ୟମ ଆରମ୍ଭ ହୋଇଥିଲା, ସେଥିରେ ସରକାର ରାଜି ନାହାନ୍ତି । ଏହାସହ ଅନ୍ୟ ମନ୍ଦିର ପ୍ରଶାସନକୁ ଅନୁରୋଧ ଯେ, ମନ୍ଦିର ପ୍ରସାଦକୁ ଅନଲାଇନରେ ହୋଟେଲ ଖାଦ୍ୟ ଭଳି ବିତରଣ କରନ୍ତୁ ନାହିଁ । ମନ୍ଦିର ଆସି ପ୍ରସାଦ ପାଇବା ହିନ୍ଦୁ ମନ୍ଦିରର ରୀତିନୀତି । ଅନ୍ୟପଟେ ଖୁବଶୀଘ୍ର ଅବଢା ଦର ରେଟ ଚାର୍ଟ ଲାଗୁ କରାଯିବ । ଏ ବାବଦରେ ବୈଠକ ସରିଛି ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।

# ରବି ନାରାୟଣ ସେନାପତିଙ୍କ ପ୍ରବନ୍ଧ ପୁସ୍ତକ "ଗଦ୍ୟ ସମ୍ଭାର" ଲୋକାର୍ପିତ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସହଜ ଓ ସରଳ ଭାଷାରେ ପ୍ରବନ୍ଧ, ସମାଲୋଚନା ଓ ଗଳ୍ପ ଲେଖିବା ହେଉଛି ବିଶିଷ୍ଟ ସାହିତ୍ୟିକ ଡଃ ରବି ନାରାୟଣ ସେନାପତିଙ୍କ ସ୍ୱାତନ୍ତ୍ର୍ୟ । ତାଙ୍କ ଗଳ୍ପ ଲେଖିବାର ଶୈଳୀ ଅତ୍ୟନ୍ତ ପ୍ରାଞ୍ଜଳ ଏବଂ ପରିଚ୍ଛନ୍ନ ବୋଲି ପ୍ରଥିତଯଶା ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି ।

ରବିବାର ସଂଧ୍ୟାରେ ସ୍ଥାନୀୟ ରେଡ୍‌କ୍ରସ ଭବନ ପ୍ରେକ୍ଷାଳୟରେ ବିଶିଷ୍ଟ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଶାସକ ଡଃ ରବି ନାରାୟଣ ସେନାପତିଙ୍କ ପାଞ୍ଚୋଟି ପ୍ରବନ୍ଧ ପୁସ୍ତକକୁ ନେଇ ସଂକଳିତ "ଗଦ୍ୟ ସମ୍ଭାର" ପୁସ୍ତକ ଲୋକାର୍ପିତ ହୋଇଥିଲା । ଲୋକାର୍ପଣ ଉତ୍ସବରେ ପ୍ରଥିତଯଶା ସାହିତ୍ୟିକ, ପ୍ରାବନ୍ଧିକ, ସମାଲୋଚକ, ଗାଳ୍ପିକମାନେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । ସେମାନେ ଦର୍ଶାଇଥିଲେ ଯେ, ବହୁମୁଖୀ ପ୍ରତିଭାର ଅଧିକାରୀ ଡଃ ସେନାପତି ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ତଥା କବିତା, ପ୍ରବନ୍ଧ, ସମାଲୋଚନା, ଗଳ୍ପ, ଶିଶୁ ସାହିତ୍ୟ, ଆଧ୍ୟାତ୍ମିକ ରଚନା ଆଦି କ୍ଷେତ୍ରରେ ଶାଣିତ ଲେଖନୀ ଚାଳନା କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ପ୍ରଶାସକ ଜୀବନର ଚର୍ମଭେଦି ଅନୁଭବକୁ ପାଥେୟ କରି ସେ ମନୋରମ ଗଳ୍ପ ରଚନା କରିଥିବାବେଳେ ଜୀବନରେ ଅପରାହ୍ନରେ ତାଙ୍କର ଲେଖନୀ ଆଧ୍ୟାତ୍ମିକତାବାଦ ଅଭିମୁଖୀ ହୋଇଛି । ସେହିପରି ତାଙ୍କ ବ୍ୟକ୍ତିତ୍ୱରେ ଶିଶୁ ସୁଲଭ ଦରଦୀପଣ ଡଃ ସେନାତପତିଙ୍କୁ ଜଣେ ସଫଳ ଶିଶୁ ସାହିତ୍ୟକର ମାନ୍ୟତା ପ୍ରଦାନ କରିଛି ।

ବିଶିଷ୍ଟ କଥାକାର ତଥା ଦୈନିକ 'ନିତିଦିନ'ର ସଂପଦାକ ମନୋଜ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାବେଶରେ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି, ପ୍ରଫେସର ବିଜୟ କୁମାର ଶତପଥୀ ସମ୍ମାନିତ ଅତିଥି, ଡଃ ବାସନ୍ତୀ ମହାନ୍ତି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ସାହିତ୍ୟିକ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ ଏହି ଉତ୍ସବକୁ ସଂଯୋଜନା କରିଥିବା ବେଳେ କଣ୍ଠଶିଳ୍ପୀ ରଶ୍ମି ଦାସ ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଡଃ ରବି ନାରାୟଣ ସେନାପତି ଲେଖକୀୟ ବକ୍ତବ୍ୟ ପ୍ରଦାନ କରି ଦର୍ଶାଇଥିଲେ ଯେ, ତିରିଶି ବର୍ଷ ପୂର୍ବେ ଲିଖିତ ତାଙ୍କର ପାଞ୍ଚୋଟି ପ୍ରବନ୍ଧ ପୁସ୍ତକ (ସମିଶ୍ରଣରେ ଏହି 'ଗଦ୍ୟ ସମ୍ଭାର' ପୁସ୍ତିକା ଜନ୍ମଲାଭ କରିଛି । ଅନ୍ୟପକ୍ଷରେ ଏଥେନା ବୁକ୍‌ସର ସତ୍ତ୍ୱାଧିକାର ରାଜ କିଶୋର ଦାସ ତାଙ୍କ ପ୍ରକାଶନୀ ସଂସ୍ଥା ଏଭଳି ପୁସ୍ତକ ମୁଦ୍ରଣ କରି ଗର୍ବିତ ବୋଲି ଜଣାଇଥିଲେ । ଭଦ୍ରକ ସମ୍ମିଳନୀ ଏବଂ ସାରଳା ଦାସ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବରେ ପ୍ରଥମେ ସ୍ମୃତି ସଂସଦର ସଂପାଦକ ପ୍ରଦୀପ୍ତ କୁମାର ବିଶ୍ୱାଳ ସ୍ୱାଗତ ଭାଷଣ ଓ ସମ୍ମିଳନୀର ସାଧାରଣ ସଂପାଦକ ନିରୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଶ୍ଚିମ ଓଡ଼ିଶା ଗସ୍ତରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



**ପାଟଣାଗଡ, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା ଶିଶୁ, ମହିଳା ବିକାଶ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ପ୍ରମୁଖ ପୁଣ୍ୟ କ୍ଷେତ୍ର ତଥା ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ଗସ୍ତ କରିଥିଲେ । ଏହି ଅବସରରେ ଭାଜପା ତରଫରୁ ଖପ୍ରାଖୋଲ ଥାନା ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ହରିଶଙ୍କର ବନ ବିଭାଗ ଡାକ ବଙ୍ଗଳା ପାର୍କରେ ଉପ ମୁଖ୍ୟମନ୍ତ୍ରୀ ଚାରା ରୋପଣ କରିଥିଲେ । ପରେ ହରିଶଙ୍କର ମନ୍ଦିର ପରିଦର୍ଶନ ସହିତ ହରିଶଙ୍କର ଶିବବାବାଙ୍କ ଦର୍ଶନ କରିଥିଲେ । ପରେ ଝରଣା କୂଳ, ପ୍ରାକୃତିକ ସୋଭାରାସି ଦେଖିଥିଲେ । ସ୍ଥାନୀୟ ପ୍ରଶାସନ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଦେବୋତ୍ତର କମିଟି ସଦସ୍ୟ, ପୂଜକ ମାନଙ୍କ ସହିତ ଆଲୋଚନା କରିଥିଲେ । ଶେଷରେ ପର୍ଯ୍ୟଟନ ବିଭାଗ ଓ ପୂର୍ତ୍ତ ବିଭାଗ ଦ୍ୱାରା ତୃତୀୟ ପର୍ଯ୍ୟାୟ ରୂପାନ୍ତରଣ ଓ ଉନ୍ନୟନ ଉପରେ ପ୍ରସ୍ତୁତ ମାଷ୍ଟର ପ୍ଲାନ୍ ଉପମୁଖ୍ୟ ମନ୍ତ୍ରୀଙ୍କୁ ଦେଖେଇ ବୁଝାଇ ଥିଲେ । ପ୍ରାକୃତିକ ଶୋଭାକୁ ସୁରକ୍ଷା ଦେଇ ଉନ୍ନୟନ କରିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ତଥା ସଚିବ ବଳବନ୍ତ ସିଂ, ଭବାନୀପାଟଣା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ କୁମାର ଯୋଷୀ, ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସବୱାଲ, ମନ୍ତ୍ରୀଙ୍କ ଓ ଏସ ଡି ମନୋଜ ବେହେରା, କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ଜ୍ଞାନ ରଞ୍ଜନ ନାଏକ, ବଲାଙ୍ଗିର ଡି ଏଫ୍ ଓ ଅଜିତ କୁମାର ବିଶି, ପାଟଣାଗଡ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ପାଟଣାଗଡ ଉପ ଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜ କିଶୋର ନାଏକ, ଭାଜପା ଜିଲ୍ଲା ସଭାପତି ଶ୍ରୀବସ୍ତ ବେହେରା ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୧୨ ଅଗଷ୍ଟ,
ମଙ୍ଗଳବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ସ୍ୱାଧୀନତା ଦିବସ ଉତ୍ସବ ପାଳନ ପାଇଁ ଗାନ୍ଧିମାର୍ଗରେ ଚାଲିଛି ପରେଡ୍ ଅଭ୍ୟାସ। (ଫଟୋ: ସମ୍ବାଦ କଳିକା)

## ବୁଧବାର ଶ୍ରୀବିଗ୍ରହଙ୍କ ରାହୁରେଖା ଲାଗି ନୀତି



**ପୁରୀ,୧୧/୦୮ ନ୍ୟୁଜ ବ୍ୟୁରୋ**

ଆସନ୍ତା ୧୩ ତାରିଖ ବୁଧବାର ଶ୍ରୀମନ୍ଦିରରେ ରେଖା ପଞ୍ଚମୀ । ଭାଦ୍ରବ କୃଷ୍ଣପକ୍ଷ ଏହି ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରାହୁରେଖା ଲାଗି ନୀତି ଅନୁଷ୍ଠିତ ହେବ । ଶ୍ରୀବିଗ୍ରହଙ୍କ ଶ୍ରୀମୁଖର ଚତୁଃପାର୍ଶ୍ୱରେ ସ୍ୱର୍ଣ୍ଣ ନିର୍ମିତ ଏକ ବଳୟ(ପଟି)କୁ ରାହୁରେଖା କୁହାଯାଏ । ଏହି ବିଶେଷ ନୀତି ସମୟରେ ଠାକୁରଙ୍କ ଦର୍ଶନ କଟକଣା ରହିଥାଏ । ଦଇତାପତି ସେବକମାନେ ଏହି ସ୍ୱତନ୍ତ୍ର ସେବା ସମ୍ପନ୍ନ କରିବେ । ପ୍ରଥମ ଭୋଗମଣ୍ଡପ ନୀତି ଶେଷ ହେବା ପରେ ରାହୁରେଖା ନୀତି ପାଇଁ ପ୍ରସ୍ତୁତି ଆରମ୍ଭ ହେବ । ଏଣୁ ଅପରାହ୍ନରେ ପ୍ରାୟ ଠାକୁରଙ୍କ ଦର୍ଶନ ବନ୍ଦ ରହିବାର ସୂଚନା ରହିଛି । ରାହୁରେଖା ଲାଗି ସରିଲେ ଠାକୁରଙ୍କ ମହାସ୍ନାନ ନୀତି ବଢି ଯଥାବିଧି ଦର୍ଶନ ଆରମ୍ଭ ହେବ ।

## ରିଜର୍ଭ ବ୍ୟାଙ୍କର ନୂଆ ନିୟମ

# ୧୫ ଦିନରେ ସମାଧାନ ହେବ ମୃତବ୍ୟକ୍ତିଙ୍କ ବ୍ୟାଙ୍କ ଖାତା ସଂପର୍କିତ ଦାବି



**ମୁମ୍ବାଇ,୧୧/୮**

ମୃତ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକର ସହିତ ଜଡିତ ଦାବିଗୁଡ଼ିକୁ ୧୫ ଦିନ ମଧ୍ୟରେ ସମାଧାନ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏକ ସ୍ୱତନ୍ତ୍ର ପଦକ୍ଷେପ ନେଇଛି । ଏଥିପାଇଁ ଏକ ଚିଠା ସର୍କୁଲାର ଜାରି କରାଯାଇଛି ।
ମୃତ ବ୍ୟାଙ୍କ ଗ୍ରାହକଙ୍କ ବ୍ୟାଙ୍କ ଆକାଉଣ୍ଟ ଏବଂ ଲକରରେ ରଖାଯାଇଥିବା ଜିନିଷଗୁଡ଼ିକ ସହ ଜଡିତ ଦାବିଗୁଡ଼ିକର ସମାଧାନ ପାଇଁ ଏକ ମାନକ ପ୍ରକ୍ରିୟା ଆଣିବାକୁ ଆରବିଆଇ ପ୍ରସ୍ତାବ ଦେଇଛି । ସମାଧାନକୁ ଅଧିକ ସହଜ ଏବଂ ସରଳ କରିବା ହେଉଛି ଏହାର ଲକ୍ଷ୍ୟ। ଏ କ୍ଷେତ୍ରରେ ବିଳମ୍ବ ହେଲେ ନୋମିନିଙ୍କୁ କ୍ଷତିପୂରଣ ଦେବାକୁ ଯୋଜନା ରହିଛି ।
ଏହି ଦିଗରେ, କେନ୍ଦ୍ରୀୟ ବ୍ୟାଙ୍କ ଏକ ଡ୍ରାଫ୍ଟ ସର୍କୁଲାର ଜାରି କରିଛି - 'ଭାରତୀୟ ରିଜର୍ଭ ବ୍ୟାଙ୍କ (ବ୍ୟାଙ୍କଗୁଡ଼ିକର ମୃତ ଗ୍ରାହକଙ୍କ ସମ୍ପର୍କରେ ଦାବି ସମାଧାନ) ନିର୍ଦ୍ଦେଶାବଳୀ, ୨୦୨୫' ଏବଂ ଅଗଷ୍ଟ ୨୭ ସୁଦ୍ଧା ଏହା ଉପରେ ମତାମତ ଲୋଡିଛି । 'ବ୍ୟାଙ୍କ ଦାବି ଏବଂ ଅନ୍ୟାନ୍ୟ ଡକ୍ୟୁମେଣ୍ଟ ଗ୍ରହଣ କରିବା ପାଇଁ ମାନକୀକରଣ ଫର୍ମ ବ୍ୟବହାର କରିବ' ବୋଲି ଡ୍ରାଫ୍ଟରେ କୁହାଯାଇଛି । ଦାବି ସମାଧାନରେ ବିଳମ୍ବ ହେଲେ କ୍ଷତିପୂରଣ ମଧ୍ୟ ପ୍ରଦାନ ବ୍ୟବସ୍ଥା କରାଯାଇଛି । ଡ୍ରାଫ୍ଟରେ କୁହାଯାଇଛି ଯେ ଯଦି ଜଣେ ବ୍ୟକ୍ତିଙ୍କୁ ଜମା ଆକାଉଣ୍ଟ କିମ୍ବା ଲକର ପାଇଁ ନୋମିନି କରାଯାଏ, ତେବେ ତାଙ୍କୁ ପରିଚୟ ଏବଂ ଠିକଣା ଯାଞ୍ଚ ପାଇଁ ଦାବି ଫର୍ମ, ମୃତ୍ୟୁ ପ୍ରମାଣପତ୍ର (ମୃତ ଗ୍ରାହକ) ଏବଂ ନୋମିନିଙ୍କ ଆନୁଷ୍ଠାନିକ ଭାବରେ ବୈଧ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡିବ।

## ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ରାଜ୍ୟର କେଉଁ ସ୍କୁଲରେ କେତେ ଶିକ୍ଷକ ଅଛନ୍ତି ତଥ୍ୟ ଦିଅ



**ଭୁବନେଶ୍ୱର, ୧୧/୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ମୋଟ୍ କେତେ ଶିକ୍ଷକ ପଦବି ଖାଲି ରହିଛି ଓ ଏହି ପଦ ପୂରଣ ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ନେଇ ତଥ୍ୟ ଦାଖଲ ପାଇଁ ମୋହନ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ବେଆଇନ ଭାବେ ଶିକ୍ଷକଙ୍କ ବଦଳି କରାଯାଉଥିବା ଅଭିଯୋଗ ନେଇ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ରାଜ୍ୟର ସମସ୍ତ ସ୍କୁଲରେ ୨୦୨୫ ଅଗଷ୍ଟ ୧ ତାରିଖ ସୁଦ୍ଧା ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ (ପିଟିଆର) ସଂପର୍କିତ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।
ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠ ସୀତାକାନ୍ତ ସାମଲଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି ଯେ ବହୁ ସମୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନଥିବା ସ୍କୁଲରୁ ଶିକ୍ଷକଙ୍କୁ ଅନ୍ୟ ସ୍କୁଲକୁ ବଦଳି କରାଯାଉଛି । ଏଥି ସହିତ ବଦଳି ଗାଇଡ୍‌ଲାଇନ୍ ଅନୁସାରେ ଶିକ୍ଷକଙ୍କ ଗୋଟିଏ ସ୍କୁଲରେ ଅବଧି ପୂରଣ ହେବା ପୂର୍ବରୁ ଅନ୍ୟତ୍ର ବଦଳି କରାଯାଉଛି । ଏଭଳି ସ୍ଥିତିରେ ବହୁ ସ୍କୁଲରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ବଜାୟ ରଖାଯାଇପାରୁ ନାହିଁ । ଏହାଦ୍ୱାରା ଶିକ୍ଷାଦାନର ମାନ ପ୍ରଭାବିତ ହେଉଛି । କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ଧାର୍ଯ୍ୟ କରାଯାଇଛି । ବଢୁଥିବା ଶିଶୁଙ୍କୁ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷା ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛି । ପ୍ରସିଦ୍ଧ ପୁସ୍ତକ 'ଗୋଲ୍‌ଡେନ୍ ଅପରଚ୍ୟୁନିଟି'ରେ ଏହି ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଶିକ୍ଷା ଅଧିକାର ସମ୍ବିଧାନର ଧାରା ୨୧ର ଅଂଶବିଶେଷ ବୋଲି ସୁପ୍ରିମକୋର୍ଟଙ୍କ ରାୟ ରହିଛି । ଏଭଳି ଅଭାବକୁ କୋର୍ଟ ଜାଣିଶୁଣି ଅଣଦେଖା କରି ପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି ।
ଖାଲି ଏତିକି ନୁହେଁ, ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ବାପୁଜୀ ସରକାରୀ ହାଇସ୍କୁଲ୍‌ରେ କାର୍ଯ୍ୟରତ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କୀ ବ୍ଲକ୍ ଅଧୀନ ବାଉଁଶପୁର ସରକାରୀ ହାଇସ୍କୁଲକୁ ବଦଳି ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ପ୍ରଦାନ କରିଛନ୍ତି । ବର୍ତ୍ତମାନ କାର୍ଯ୍ୟରତ ସ୍କୁଲରେ ଆବେଦନକାରୀ କାର୍ଯ୍ୟ ଜାରି ରଖିବେ ବୋଲି ହାଇକୋର୍ଟ କହିଛନ୍ତି । ଏଥି ସହିତ ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, କଟକ ଜିଲ୍ଲା ଶିକ୍ଷା ଅଧିକାରୀ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ଅଧିକାରୀ, ବାପୁଜୀ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀଙ୍କୁ ଆକ୍ରୋଶମୂଳକ ଭାବେ ଜୁଲାଇ ୨୪ରେ ବଦଳି କରାଯାଇଥିବା ଦର୍ଶାଇ ଏହି ମାମଲା ଦାୟର ହୋଇଛି ।

## ପାତ୍ରପଡ଼ା ଦୁର୍ଘଟଣାରେ ଚାଲିଗଲେ ମା'

**ଭୁବନେଶ୍ୱର, ୧୧/୮ ନ୍ୟୁଜ ବ୍ୟୁରୋ**

କୁନି ଝିଅ ପରେ ପ୍ରାଣ ହାରିଲେ ମା'। ରବିବାର ୮ ବର୍ଷର ଝିଅ ପ୍ରାଣ ହରାଇଥିବା ବେଳେ ସୋମବାର ପ୍ରାଣ ହରାଇଛନ୍ତି ମା' । ମୃତ ମହିଳାଙ୍କ ନାଁ ରେବତୀ ରାଉଳ । ରାକ୍ଷୀ ପୂର୍ଣ୍ଣିମା ଦିନ ପାତ୍ରପଡ଼ାଠାରେ ଘଟିଥିଲା ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଘଟଣାସ୍ଥଳରେ ପ୍ରାଣ ହରାଇଥିଲା ୮ ବର୍ଷୀୟ ଝିଅ । ଏହାକୁ ନେଇ ରବିବାର ରାଜରାସ୍ତା ବନ୍ଦ କରିଥିଲେ ସ୍ଥାନୀୟ ଲୋକେ । ଦୁର୍ଘଟଣା ଘଟାଇଥିବା ଥର୍ ଗାଡି ମଧ୍ୟ ଜବତ ହୋଇଥିଲା। ସୋମବାର ଏକ ଘରୋଇ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ମା' ରେବତୀ ରାଉଳଙ୍କ ମୃତ୍ୟୁ ଘଟିଛି । ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଏବେ ବି ଫେରାର ଅଛି ।

# କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହେଲେ ନୀଳଗିରିର ପୁଅ




**ନୀଳଗିରି,୧୧/୮ ନ୍ୟୁଜ ବ୍ୟୁରୋ**

ଗୁରୁତ୍ୱପୂର୍ଣ୍ଣ ଟିକସ ବିଲ୍ ୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ମାଟିର ପୁଅ। ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ଅଧିନ ସନ୍ତଗଡ଼ିଆ କାନପୁର ମାଟିର ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ ଏହି ଟେକ ରଖିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତା ପୁଣି ଥରେ ସେ ପ୍ରମାଣିତ କରିଛନ୍ତି ଓ ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ମଧ୍ୟ ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଥିଲେ। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ ଅଟେ। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ଫାଷ୍ଟଟ୍ରାକ କୋର୍ଟରେ ଅତିରିକ୍ତ ଦୌରାଜଜ ଭାବେ କାର୍ଯ୍ୟ କରିଥିଲେ। ରବୀନ୍ଦ୍ର ଅଞ୍ଚଳବାସୀଙ୍କ ପାଇଁ ଗର୍ବ ଓ ଗୌରବ ଆଣି ଦେଇଥିବା ବେଳେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

# ସିବିଏସ୍‌ଇର ନୂଆ ନିୟମ : ବହି ଦେଖି ପରୀକ୍ଷା ଦେବେ ଶିକ୍ଷାର୍ଥୀ

**ଭୁବନେଶ୍ୱର,୧୧/୦୮ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ସ୍କୁଲରେ ନବମ ଶ୍ରେଣୀ ପରୀକ୍ଷା ଢାଞ୍ଚାରେ କରାଯିବ ପରିବର୍ତ୍ତନ । ବହି ଦେଖି ପିଲାମାନେ ପରୀକ୍ଷା ଦେବେ । ୨୦୨୬-୨୭ ଶିକ୍ଷାବର୍ଷରୁ ଏହାକୁ ପାଇଲଟ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯିବ । ଜୁନ୍ ମାସରେ ହୋଇଥିବା ବୈଠକରେ ଏପରି ନିଷ୍ପତ୍ତିକୁ ଅନୁମୋଦନ ଦେଇଛି ସିବିଏସ୍‌ଇ । ଜୁନ୍ ମାସରେ ସିବିଏସ୍‌ଇର ବୈଠକରେ ନବମ ଶ୍ରେଣୀ ପରୀକ୍ଷାରେ ଇଣ୍ଟିଗ୍ରେଟିଂ ଓପନ୍ ବୁକ୍ ଆସେସ୍‌ମେଣ୍ଟ ନେଇ ଆଲୋଚନା ହୋଇଥିଲା। ଯେଉଁଥିରେ ପିଲାମାନେ ଭାଷା, ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନ ବିଷୟ ପାଠ୍ୟପୁସ୍ତକ ଦେଖି ପରୀକ୍ଷା ଦେବେ। ଜାତୀୟ ଗଣମାଧ୍ୟମର ସୂଚନା ଅନୁଯାୟୀ ଏହାକୁ ସିବିଏସ୍‌ଇ ଗଭର୍ଣ୍ଣିଂ ବଡି ଅନୁମୋଦନ ଦେଇଛି । ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ପ୍ରସ୍ତୁତ ନ୍ୟାସନାଲ୍ କରିକୁଲମ ଫ୍ରେମ୍‌ୱାର୍କ ଫର ସ୍କୁଲ ଏଜୁକେସନ (ଏନ୍‌ସିଏଫ୍‌ଏସ୍‌ଇ)କୁ ଗୁରୁତ୍ୱ ଦେଇ ଏପରି ପଦକ୍ଷେପ ନିଆଯାଇଛି । ପିଲା ପରୀକ୍ଷା ଦେବା ସମୟରେ ପାଠ୍ୟପୁସ୍ତକ, କ୍ଲାସ ନୋଟ୍, ଲାଇବ୍ରେରୀ ମ୍ୟାଟେରିଆଲ୍‌କୁ ବ୍ୟବହାର କରିବାକୁ ସୁଯୋଗ ପ୍ରଦାନ କରାଯିବ । ପାଠ୍ୟକ୍ରମରୁ କ୍ରସ୍ କଟିଂ ଥିମ୍ ନେଇ ପ୍ରଶ୍ନ ପ୍ରସ୍ତୁତ କରାଯିବ । ଯାହାକୁ ନେଇ ପିଲା ବହି ଦେଖି ପରୀକ୍ଷା ଦେବେ । ଏହାକୁ ନେଇ ସାମ୍ପୁଲ ପେପର ପ୍ରସ୍ତୁତ କରାଯିବ । ସେହିପରି ପ୍ରଶ୍ନ ପତ୍ରକୁ ଗୁଣାତ୍ମକ କରାଯିବା ସହ କ୍ରିଟିକାଲ୍ ଥିଙ୍କିଂଯୁକ୍ତ କରାଯିବ । ଯାହା ଦ୍ୱାରା ପିଲାଙ୍କ ଦକ୍ଷତାକୁ ମଧ୍ୟ ମାପି ହେବ । ସିବିଏସ୍‌ଇ ପକ୍ଷରୁ କୁହାଯାଇଛି, ଯେଉଁ ସ୍କୁଲମାନେ ଏହାକୁ ଲାଗୁ କରିବାକୁ ଆଗ୍ରହ ପ୍ରକାଶ କରିବେ ସେମାନଙ୍କୁ ମାର୍ଗଦର୍ଶନ ଦିଆଯିବ । ଏପରିକି ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ମଧ୍ୟ ଜାରି ହେବ । ସୂଚନାଯୋଗ୍ୟ, ୨୦୨୩ ମସିହା ଡିସେମ୍ବରରେ ସିବିଏସ୍‌ଇ ପକ୍ଷରୁ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ କ୍ଷେତ୍ରରେ ଏହାକୁ ଲାଗୁ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ଏପରିକି ପାଇଲଟ୍ ଷ୍ଟଡି ଭାବେ ଓପନ୍ ବୁକ୍ ଆସେସ୍‌ମେଣ୍ଟକୁ ଅନୁମୋଦନ ମିଳିଥିଲା। ଏହାକୁ ବର୍ତ୍ତମାନ ନବମ ଶ୍ରେଣୀରେ କାର୍ଯ୍ୟକାରୀ କରାଯିବ । ଏତିକି ନୁହେଁ ୨୦୧୪ ମସିହାରେ ନବମ ଶ୍ରେଣୀରେ ଏହାକୁ କାର୍ଯ୍ୟକାରୀ କରାଯାଇଥିଲା। ଯେଉଁଥିରେ ହିନ୍ଦୀ, ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ ବିଷୟକୁ ନେଇ ହୋଇଥିଲା। ଏହାପରେ ଏକାଦଶ ଶ୍ରେଣୀରେ ମଧ୍ୟ କାର୍ଯ୍ୟକାରୀ କରାଯାଇଥିଲା । କିନ୍ତୁ ୨୦୧୭-୧୮ ମସିହାରେ ଏହାକୁ ବନ୍ଦ କରି ଦିଆଯାଇଥିଲା ।

**ବାର୍ତ୍ତା**

ଅନ୍ତର୍ଜାତୀୟ ଯୁବ ଦିବସ ଅବସରରେ ମୁଁ ଓଡ଼ିଶାର ଯୁବପିଢ଼ିଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି । ଆମ ଯୁବପିଢ଼ି ପ୍ରଗତି, ନବସୃଜନ ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ସ୍ତମ୍ଭ । ସୁସ୍ଥ ଯୁବପିଢ଼ି ହେଉଛନ୍ତି ଏକ ସୁନ୍ଦର ଓ ସୁରକ୍ଷିତ ଓଡ଼ିଶାର ଆଧାରଶିଳା ।
ଅନେକ ସମୟରେ ସଚେତନତା ଅଭାବରୁ ଯୁବବର୍ଗଙ୍କ ଭବିଷ୍ୟତ ଅସୁରକ୍ଷିତ ହୋଇଥାଏ । ଏଚ୍.ଆଇ.ଭି/ ଏଡସ୍ ଏବଂ ଅନ୍ୟ ସହ-ସଂକ୍ରମଣ ସମ୍ପର୍କରେ ସଚେତନତା ଓ ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆଜି ଆରମ୍ଭ ହୋଇଛି । ଯୁବପିଢ଼ିଙ୍କୁ ସଚେତନ କରିବାର ଲକ୍ଷ୍ୟ ନେଇ ଓଡ଼ିଶା ମଧ୍ୟ ଏଥିରେ ସାମିଲ ହୋଇଛି ।
ଏହି କାର୍ଯ୍ୟକ୍ରମ ଆଜିଠାରୁ ଅକ୍ଟୋବର ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ଅଭିଯାନରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହିତ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ସର୍ବାଧିକ ପ୍ରଭାବିତ ହେବାର ସମ୍ଭାବନା ଥିବା ଯୁବବର୍ଗଙ୍କ ପାଇଁ କଲେଜ ଏବଂ ସ୍କୁଲରେ ସଚେତନତା ଶିବିରମାନ ଆୟୋଜନ କରାଯାଉଛି । ଏହି ଅଭିଯାନରେ ଏଚ୍.ଆଇ.ଭି ସମ୍ପର୍କିତ ସଚେତନତା ଓ ସୁରକ୍ଷିତ ବ୍ୟବହାର ବିଷୟରେ ସଚେତନ କରାଯିବାର ଲକ୍ଷ୍ୟ ରହିଛି । ସମସ୍ତ ଶିକ୍ଷାନୁଷ୍ଠାନ, ଯୁବ ମଣ୍ଡଳ ଓ ସାମାଜିକ ସଂଗଠନମାନେ ଏଥିରେ ସକ୍ରିୟ ଭାଗ ନେବେ ବୋଲି ମୋର ଆଶା ଓ ବିଶ୍ୱାସ ।
ଏକ ସଚେତନ ଓ ସୁରକ୍ଷିତ ଯୁବପିଢ଼ି-ଏକ ଶକ୍ତିଶାଳୀ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-200



**ବାର୍ତ୍ତା**

ଯୁବପିଢ଼ି ଆମ ରାଜ୍ୟର ମେରୁଦଣ୍ଡ ଏବଂ ଏକ ସଶକ୍ତ ତଥା ସୁସ୍ଥ ଓଡ଼ିଶା ଗଠନ ପାଇଁ ସେମାନଙ୍କ ସ୍ୱାସ୍ଥ୍ୟ, ସଚେତନତା ଏବଂ ସଶକ୍ତିକରଣରେ ବିନିଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଆଜି ଅନ୍ତର୍ଜାତୀୟ ଯୁବ ଦିବସ ୨୦୨୫ ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନର ଦ୍ୱିତୀୟ ବର୍ଷ ଆରମ୍ଭ କରୁଛୁ । ଯାହା ଏଚ୍.ଆଇ.ଭି ନିରାକରଣ ଏବଂ ସୁସ୍ଥ ଆଚରଣ ଉପରେ ଯୁବ ନେତୃତ୍ୱଙ୍କ ସଚେତନତା ଉପରେ ପରିବେଶିତ ।
ଚଳିତ ବର୍ଷ ଅଗଷ୍ଟ ୧୨ରୁ ଅକ୍ଟୋବର ୧୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ଲକ୍ଷ୍ୟ ତୃଣମୂଳ ସ୍ତରରେ ସଚେତନତାକୁ ଆହୁରି ତୀବ୍ର କରିବା ଏବଂ ସଠିକ ସୂଚନା, ପରୀକ୍ଷା ଏବଂ ସମର୍ଥନ ପାଇବାକୁ ପ୍ରୋତ୍ସାହିତ କରିବା । ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ସାରା ରାଜ୍ୟରେ ଖୁବ୍ ଆଦୃତ ହୋଇପାରିଥିଲା । ସମସ୍ତଙ୍କ ସହଯୋଗରେ ୪ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ ଏବଂ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ସିଧାସଳଖ ସଚେତନତା ବାର୍ତ୍ତା ପହଞ୍ଚାଯାଇଥିଲା । ପଞ୍ଚାୟତ ସ୍ତରରେ ସମ୍ପୃକ୍ତି ସୁନିଶ୍ଚିତ କରିବା ପାଇଁ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅଭିଯାନର ସଫଳ ରୂପାୟନ ପାଇଁ ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗ ଏକାନ୍ତ କାମ୍ୟ ।
ଆସନ୍ତୁ, ଆମେ ଏକାଠି ଏକ ଏଡସ୍ ମୁକ୍ତ, ସୂଚନାପ୍ରଦ ଏବଂ ଦାୟିତ୍ୱବାନ ଓଡ଼ିଶା ଗଠନ କରିବା ।

(ଡ଼. ମୁକେଶ ମହାଲିଙ୍ଗ)
ମାନ୍ୟବର ମନ୍ତ୍ରୀ,
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10009/13/0052/2526


## ୩୫ ଲକ୍ଷ ଚାଷୀଙ୍କ ଆର୍ଥିକ ସୁରକ୍ଷା ପାଇଁ ଐତିହାସିକ ପଦକ୍ଷେପ

# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୩,୯୦୦ କୋଟି ହସ୍ତାନ୍ତର




**ଝୁନଝୁନୁ (ରାଜସ୍ଥାନ), ୧୧/୦୮**

ସୋମବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ) ଅଧୀନରେ ଡିବିଟି-ଆଧାରିତ ଦାବିର ଦେଶବ୍ୟାପୀ ଡିଜିଟାଲ ହସ୍ତାନ୍ତର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମାଙ୍କ ଦ୍ୱାରା ରାଜସ୍ଥାନର ଝୁନଝୁନୁରୁ କରାଯାଇଛି। ଏହି ଅବସରରେ ରବି ୨୦୨୪-୨୫ ଏବଂ ପୂର୍ବ ଋତୁର ପ୍ରଥମ କିସ୍ତି ଅଧୀନରେ ସିଧାସଳଖ ଲାଭ ହସ୍ତାନ୍ତର କରାଯାଇଥିଲା। ଡିବିଟି ମାଧ୍ୟମରେ ୩,୯୦୦ କୋଟିରୁ ଅଧିକ ୩୫ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଛି । କେବଳ ରାଜସ୍ଥାନର ୯.୭୦ ଲକ୍ଷରୁ ଅଧିକ ଚାଷୀଙ୍କୁ ପ୍ରାୟ ୧,୪୨୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଐତିହାସିକ କାର୍ଯ୍ୟକ୍ରମ ଝୁନଝୁନୁ ଏୟାରଷ୍ଟ୍ରିପରେ ଆୟୋଜିତ ହୋଇଥିଲା, ଯେଉଁଥିରେ ଝୁନଝୁନୁ, ସିକର, ଜୟପୁର, କୋଟପୁଟଲି-ବାହାରୋଡ ସମେତ ବିଭିନ୍ନ ଜିଲ୍ଲାରୁ ପ୍ରାୟ ୩୫,୦୦୦ ଚାଷୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶର ୨୩ଟି ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଭର୍ଚୁଆଲି ଯୋଗ ଦେଇଥିଲେ। ଏହି ଐତିହାସିକ ଅବସରରେ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଥିଲେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଭାଗୀରଥ ଚୌଧୁରୀ ଏବଂ ରାଜସ୍ଥାନ କୃଷି ମନ୍ତ୍ରୀ ଡକ୍ଟର କିରୋରି ଲାଲ ମୀନା ଉପସ୍ଥିତ ଥିଲେ। କୃଷି ସଚିବ ଦେବେଶ ଚତୁର୍ବେଦୀ ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁକ୍ତାନନ୍ଦ ଅଗ୍ରୱାଲଙ୍କ ସମେତ ଅନେକ ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଏବଂ କୃଷକ ନେତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଚୌହାନ କହିଥିଲେ ଯେ, 'ଏହା ଏକ ସୁନ୍ଦର ଭୂମି - ବୀର, ବୀର ଯୋଦ୍ଧା, ବଳିଦାନର। ମୁଁ ଭାରତ ମାତାର ଏହି ପୁତ୍ରମାନଙ୍କୁ ପ୍ରଣାମ କରୁଛି। କୃଷକମାନଙ୍କର ସେବା କରିବା ମୋର ମିଶନ ଏବଂ ଭାରତୀୟ କୃଷିକୁ ନମ୍ବର ଏକ କରିବା ମୋର ସଂକଳ୍ପ ବୋଲି ଶ୍ରୀ ଚୌହାନ କହିଥିଲେ। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା କହିଛନ୍ତି, 'ଝୁନଝୁନୁ ହେଉଛି ବୀର, ଚାଷୀ ଏବଂ ଭାମାଶାହଙ୍କ ଭୂମି। ପ୍ରଧାନମନ୍ତ୍ରୀ ଚାଷୀମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ କେନ୍ଦ୍ର ଏବଂ ରାଜ୍ୟ ସରକାର ପୂର୍ଣ୍ଣ ଶକ୍ତି ସହିତ ସେମାନଙ୍କ ସହିତ ଠିଆ ହୋଇଛନ୍ତି। ଯମୁନା ଏବଂ ଚମ୍ବଲର ଜଳ ପାଇଁ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି, ଯାହା ଯୋଗୁଁ ଶେଖାବତୀର ଚାଷୀମାନେ ଜଳସେଚନର ଲାଭ ପାଇବେ। ଚାଷୀମାନେ ଏବେ ସମ୍ମାନଜନକ ମୂଲ୍ୟ, ବୋନସ ଏବଂ କିଷାନ ସମ୍ମାନ ନିଧିର ବର୍ଦ୍ଧିତ ଲାଭ ପାଉଛନ୍ତି। ଆମର ସରକାର ଚାଷୀମାନଙ୍କୁ ଶକ୍ତି ଉତ୍ପାଦନକାରୀ କରିବା ଦିଗରେ ମଧ୍ୟ କାର୍ଯ୍ୟ କରୁଛି। ଚାଷୀମାନେ ଆତ୍ମନିର୍ଭରଶୀଳ ହେଲେ ହିଁ ଦେଶ ସ୍ୱାବଲମ୍ବୀ ହେବ ବୋଲି ସେ କହିଥିଲେ। ରାଜସ୍ଥାନର କୃଷି ମନ୍ତ୍ରୀ ଡକ୍ଟର କିରୋରି ଲାଲ ମୀନା କହିଛନ୍ତି, "ଶେଖାବତୀର ଭୂମି ହେଉଛି ବୀର ଏବଂ କୃଷକଙ୍କ ଭୂମି। ଆଜି ପ୍ରଥମ ଥର ପାଇଁ ଦେଶର ମୁଖ୍ୟମନ୍ତ୍ରୀ ଏବଂ କୃଷି ମନ୍ତ୍ରୀ ଚାଷୀଙ୍କ ଘରକୁ ଆସି ସେମାନଙ୍କୁ ଫସଲ ବୀମା ଯୋଜନାର ଲାଭ ଦେଉଛନ୍ତି। ରାଜସ୍ଥାନ ଦେଶରେ ସର୍ବାଧିକ ପ୍ରାୟ ୧,୪୨୬ କୋଟି ଟଙ୍କା ପାଇଛି ବୋଲି ଶ୍ରୀ ମୀନା କହିଛନ୍ତି। ନକଲି ସାର ବିକ୍ରୟ କରୁଥିବା ଲୋକଙ୍କ ବିରୁଦ୍ଧରେ ଆମେ ୫୭ଟି ମାମଲା ରୁଜୁ କରିଛୁ ଏବଂ ଯେଉଁମାନେ ଚାଷୀମାନଙ୍କୁ ଠକୁଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ।" ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିଲା, ଯାହାର ଉଦ୍ଦେଶ୍ୟ ଥିଲା ପ୍ରାକୃତିକ ବିପର୍ଯ୍ୟୟ, ଅସ୍ୱାଭାବିକ ପାଗ ଏବଂ ରୋଗପୋକ କିମ୍ବା ରୋଗଜନିତ କ୍ଷତି ବିରୁଦ୍ଧରେ ଚାଷୀମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା। ବର୍ତ୍ତମାନ ପର୍ଯ୍ୟନ୍ତ, ଏହି ଯୋଜନା ଅଧୀନରେ ୭୮ କୋଟିରୁ ଅଧିକ ଚାଷୀ ଆବେଦନକୁ କଭର କରି ୧ ଲକ୍ଷ କୋଟି ଟଙ୍କାର ୧.୮୩ କୋଟି ଟଙ୍କା ଦାବି ପ୍ରଦାନ କରାଯାଇଛି । ଯେତେବେଳେ ଚାଷୀମାନେ କେବଳ ୩୫,୮୬୪ କୋଟି ଟଙ୍କାର ପ୍ରିମିୟମ୍ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ପ୍ରତ୍ୟେକ ଋତୁରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବ୍ୟବସ୍ଥା ମାଧ୍ୟମରେ ୨-୩ ପର୍ଯ୍ୟାୟରେ ଦାବି ଦେୟ କରିବାକୁ ନିଷ୍ପତ୍ତି ନେଇଛି।